ବର୍ଷ-୨୬, ସଂଖ୍ୟା-୨୮୬
ଭୁବନେଶ୍ୱର
ଅକ୍ଟୋବର, ୨୬, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 286
Bhubaneswar
October, 26, 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଗଜଲକ୍ଷ୍ମୀ ପୂଜା

### ଜଟଣୀରେ ଆରବିଆଇ ଡାଟା ସେଣ୍ଟର ଦେଶ ପାଇଁ ଉତ୍ସର୍ଗ କଲେ ପ୍ରଧାନମନ୍ତ୍ରୀ

# ନୂଆ ଭାରତ ନିର୍ମାଣରେ ଭୁବନେଶ୍ୱରର ନୂଆ ଅବଦାନ

ଭୁବନେଶ୍ୱର,୨୫।୧୦(ମହାଭାରତ): : ଜଟଣୀର ଇନଫୋଭ୍ୟାଲି-୨ରେ ଆରବିଆଇର ଅତ୍ୟାଧୁନିକ ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟରକୁ ଲୋକାର୍ପଣ କରିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ୟୁପିଆଇ, ଏନଇଏଫଟି ଓ ଆରଟିଜିସି ଭଳି ଡିଜିଟାଲ୍ କାରବାରର ତଥ୍ୟ ସୁରକ୍ଷିତ ରଖିବା ସହ ସାଇବର ଆକ୍ରମଣ ଓ ବୈଷୟିକ ସମସ୍ୟା ସମୟରେ ବ୍ୟାଙ୍କିଙ୍ଗ୍ ସେବା ଅବ୍ୟାହତ ରଖିବାରେ ଏହା ସହାୟକ ହେବ।ଏଠାରେ କ୍ଲାଉଡ୍ କମ୍ପ୍ୟୁଟିଂ, ଏଆଇ ଓ ବିଗ୍ ଡାଟା ଆନାଲିଟିକ୍ସ ସହ ସାଇବର ସୁରକ୍ଷା ପ୍ରଶିକ୍ଷଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଦେଶର ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ ଓ ସୁଦୃଢ଼ କରିବାରେ ଏହି ଡାଟା ସେଣ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।



ପ୍ରାୟ ୧୭୦ କୋଟି ଟଙ୍କାରେ ଜଟଣୀର ଇନ୍‌ଫୋଭ୍ୟାଲି-୨ରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗ୍ରୀନଫିଲ୍ଡ ଡାଟା ସେଣ୍ଟର ଓ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଓ ସାଇବର ସୁରକ୍ଷା ତାଲିମ ପ୍ରତିଷ୍ଠାନ ନିର୍ମାଣ ହୋଇଛି। ଏହା ନଭି ମୁମ୍ବାଇ ପରେ ଦେଶର ଦ୍ୱିତୀୟ ଆରବିଆଇ ଡାଟା ସେଣ୍ଟର।

ଆଜି ଓଡ଼ିଶା ମାଟିରୁ ଏହାକୁ ଦେଶବାସୀଙ୍କ ପାଇଁ ଉତ୍ସର୍ଗ କରିଛନ୍ତି ମୋଦି। ଏହାପରେ ସେ କହିଛନ୍ତି ଯେ ମହାପ୍ରଭୁଙ୍କ ଆଶୀର୍ବାଦରୁ ଭୁବନେଶ୍ୱରରେ ନୂଆ ସଂସ୍ଥା ଖୋଲିଛି। ନୂଆ ଭାରତ ନିର୍ମାଣରେ ନୂଆ ଅବଦାନ ଭେଟିଦେଲା। ଦେଶର ବିକାଶରେ ଛୋଟ ସହରର ବଡ଼ ଭୂମିକା ରହିବା ଦରକାର। ଆଜିର ଏହି ସଂସ୍ଥା ଓଡ଼ିଶାର ଓ ଦେଶର ବିକାଶ ପାଇଁ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ପୂର୍ବ ସରକାରକୁ ମଧ୍ୟ ତେରଚ୍ଛାବାଣ ମାରିବାକୁ ମଧ୍ୟ ପଛାଇ ନାହାନ୍ତି ପ୍ରଧାନମନ୍ତ୍ରୀ ମୋଦି। ସେ କହିଛନ୍ତି, ଦେଶରେ ଗରୀବଙ୍କ ନାଁ ନେଇ ଦୀର୍ଘ ସମୟ ଧରି ପ୍ରଚାର ପ୍ରସାର ଚାଲିଥିଲା। ୬୦/୭୦ ଦଶକରେ ଗରୀବଙ୍କ ନାଁ ନେଇ ବ୍ୟାଙ୍କ ଜାତୀୟକରଣ ହେଲା।ମାତ୍ର ୨୦୧୪ ପର୍ଯ୍ୟନ୍ତ ଗରୀବ ଲୋକେ ପ୍ରକୃତ ସେବାରୁ ବଞ୍ଚିତ ହୋଇ ରହିଥିଲେ। ଗରୀବଙ୍କୁ ବ୍ୟାଙ୍କ ଖାତା ଖୋଲିବା ପାଇଁ ଗ୍ୟାରେଣ୍ଟର ଦରକାର ପଡୁଥିଲା। ମାତ୍ର ଆଜି ଡିଜିଟାଲ ବ୍ୟାଙ୍କିଙ୍ଗ ଘରେ ଘରେ ପହଞ୍ଚି ପାରିଛି। ପୂର୍ବରୁ କେନ୍ଦ୍ରରେ କ୍ଷମତାରେ ଥିବା କଂଗ୍ରେସକୁ ଇଙ୍ଗିତ କରି ମୋଦି କହିଛନ୍ତି ଯେ ଜଣେ ପ୍ରଧାନମନ୍ତ୍ରୀ କହିଥିଲେ ଟଙ୍କାଏ ଦେଲେ ଲୋକେ ୧୫ ପଇସା ପାଉଛନ୍ତି। ମାତ୍ର ଆଜି ଡିବିଟି ଜରିଆରେ ପୂରା ୧ ଟଙ୍କା ଲୋକଙ୍କ ପାଖକୁ ଯାଉଛି।

ଆଜି ଅଟଳ ପେନସନ ଜରିଆରେ ଦେଶରେ ୯ କୋଟି ଲୋକ ଉପକୃତ ହେଉଛନ୍ତି। ଆଉ ଓଡ଼ିଶାରେ ୩୮ ଲକ୍ଷ ଲୋକ ଅଟଳ ପେନସନ୍ ଯୋଜନାର ଫାଇଦା ପାଉଛନ୍ତି। ମାତ୍ର ୨୦ ଟଙ୍କା ପ୍ରିମିୟମରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ମିଳୁଛି। ଆଜିକା ଦିନରେ ଏ ବାବଦରେ ସରକାର ୨୫ ହଜାର କୋଟି ଦେଇ ସାରିଲେଣି। ବ୍ୟାଙ୍କିଙ୍ଗ ସେଣ୍ଟର ସୁରକ୍ଷିତ ରଖିବା ପାଇଁ ମଜବୁତ ଡାଟା ସେଣ୍ଟର ଦରକାର।

ଆଜିକାଲି ଆଉ ଯୁଦ୍ଧ କେବଳ ଅସ୍ତ୍ରଶସ୍ତ୍ରରେ କରାଯାଉ ନାହିଁ। ଦେଶର ଆର୍ଥିକ ମେରୁଦଣ୍ଡ ଉପରେ ଆକ୍ରମଣ କରାଯାଉଛି। ତେଣୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସୁରକ୍ଷିତ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।ଓଡ଼ିଶାରେ ମାଇଣ୍ଡସରୁ ମାଇକ୍ରୋ ଚିପ୍ସ ପ୍ରତିଷ୍ଠା ସମ୍ଭବ ହୋଇପାରିଛି। ଓଡ଼ିଶାରେ ଡାଟା ସେଣ୍ଟର ପ୍ରତିଷ୍ଠା ହୋଇଥିବାରୁ ନୂଆ ପୁଞ୍ଜି ଆସିବାକୁ ଯାଉଛି। ଓଡ଼ିଶାର ଯୁବ ପିଢ଼ିଙ୍କ ପାଇଁ ଆଗକୁ ନୂଆ ସମ୍ଭାବନା ସୃଷ୍ଟି ହେବାକୁ ଯାଉଥିବା ମୋଦି ଦମ୍ଭୋକ୍ତି କରିଛନ୍ତି।

ଭାରତର ବ୍ୟବସ୍ଥା ଖୁବ୍ ଶୀଘ୍ର ଆଗକୁ ଅଗ୍ରସର ହେଉଛି। ସ୍ୱାଧୀନତା ପରେ ଦେଶରେ ବଡ଼ବଡ଼ ହସ୍‌ପିଟାଲ, ବିମାନବନ୍ଦର ନିର୍ମାଣ ହୋଇଛି। କିନ୍ତୁ ଛୋଟ ସହରେ ଭିତ୍ତିଭୂମି ବହୁ ଅସୁବିଧା ଥିଲା। ପାଣି, ରେଳବାଇ ଯୋଗାଯୋଗର ଘୋର ଅଭାବ ଥିଲା। ବିକାଶକୁ ପ୍ରାଥମିକତା ଦିଆଯାଉଥିବା ବେଳେ ବିସ୍ତାର ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଛୋଟ ସହରକୁ ଭାରତୀୟ ରେଳବାଇ ଯୋଡୁଛି। ବ୍ୟାଙ୍କିଙ୍ଗ୍ ସେକ୍ଟରରେ ଡାଟା ସେଣ୍ଟରର ଭୂମିକା ନେଇ ପ୍ରଧାନମନ୍ତ୍ରୀ ବିସ୍ତୃତ ଚର୍ଚ୍ଚା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆମ ପାଇଁ ବିକାଶ ଗୁରୁତ୍ୱପୂର୍ଣ୍ଣ। ସହର ଠାରୁ ଦୂରରେ ରହୁଥିବା ଲୋକଙ୍କ ପାଖରେ ପହଞ୍ଚିବା ଆମର ଲକ୍ଷ୍ୟ। ଗରିବ ପରିବାର ମଧ୍ୟ ସମ୍ମାନର ବଞ୍ଚିବା ଆମର ଅନ୍ୟ ଲକ୍ଷ୍ୟ।

ସମାରୋହରେ ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ତ୍ତିକ ବ୍ରତ ପାଇଁ ଶ୍ରୀକ୍ଷେତ୍ରରେ ହବିଷ୍ୟାଳିଙ୍କ ଭିଡ଼

ପୁରୀ,୨୫।୧୦(ମହାଭାରତ): ରାତି ପାହିଲେ କାର୍ତ୍ତିକ ମାସ ଆରମ୍ଭ । ଏହା ପୂର୍ବରୁ ଶ୍ରୀକ୍ଷେତ୍ରରେ ରୁଣ୍ଡ ହେଲେଣି ହବିଷ୍ୟାଳି । ସୋମବାର ଠାରୁ ମାସତମାମ୍ ହଜାର ହଜାର ବ୍ରତଧାରୀ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିବା ସହ ଶ୍ରୀମନ୍ଦିରରେ ଠାକୁରଙ୍କ ଦର୍ଶନ କରି କାର୍ତ୍ତିକ ବ୍ରତ ପାଳନ କରିବେ । ସେଥିପାଇଁ ପ୍ରଶାସନ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି । ପୁଷ୍କରିଣୀ କୂଳରେ ପାଣି ଭିତରେ ବାଉଁଶର ଅସ୍ଥାୟୀ ବାଡ଼ ଘେରାଯାଇ ଜାଲ ଦିଆଯାଇଛି । ଏଥିସହ କୂଳରେ ମଧ୍ୟ ବ୍ଲିଚିଂ ପକାଯାଇଛି । ହେଲେ ଅପରିଷ୍କାର ଜଳ ଓ ଅନ୍ଧାର ପରିସର ସମସ୍ୟା ବୋଲି ନଜରକୁ ଆସିଛି ।

ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଦେଉଥିବା ଘର ଭଡ଼ା ବ୍ରତଧାରୀଙ୍କୁ ବେଶ୍ ବାଧୁଛି । ଏହା ସାଙ୍ଗକୁ ରାସ୍ତା ଘାଟର ସ୍ଥିତି ଦେଖି ବୟସାଧିକ ବ୍ରତଧାରୀଙ୍କୁ ନିଜର ସୁରକ୍ଷା ଚିନ୍ତା ଘାରୁଛି । ପାଖାପାଖି ୨୪ ଶହ ବ୍ରତଧାରୀ ପ୍ରଶାସନିକ ସହାୟତାରେ କାର୍ତ୍ତିକ ବ୍ରତ ପାଳୁଥିବା ସ୍ଥଳେ ଏହି ସଂଖ୍ୟାର ବହୁଗୁଣା ଶ୍ରୀମନ୍ଦିର ନିକଟରେ ବସା ଘର ଖୋଜି ସହରର ଗଳିକନ୍ଦିରେ ମାସକ ବିତାଇବେ । କାର୍ତ୍ତିକ ମାସ ଆରମ୍ଭର ଦୁଇ ଦିନ ପୂର୍ବରୁ ବ୍ରତଧାରୀମାନେ ନିଜ ନିଜ ବସାରେ ଆସି ଆଶ୍ରୟ ନେବା ଆରମ୍ଭ କରିଛନ୍ତି । ହେଲେ ଚଳିତ ବର୍ଷ ଘର ଭଡ଼ା ଢେର ଅଧିକ ରହିଥିବା କୁହନ୍ତି ବ୍ରତଧାରୀ । ଗଞ୍ଜାମର ଗୀତାଞ୍ଜଳି ପଣ୍ଡା କୁହନ୍ତି, ଆମେ ୫ ବର୍ଷ ହେଲା ପୁରୀରେ ରହି କାର୍ତ୍ତିକ ବ୍ରତ ପାଳନ କରିଛୁ ।

# ଆନ୍ଧ୍ର ଦେଇ ଓଡ଼ିଶାରେ ପ୍ରବେଶ କରିବ ବାତ୍ୟା

ଭୁବନେଶ୍ୱର,୨୫।୧୦(ମହାଭାରତ): ବଙ୍ଗୋପସାଗରରେ ଆସନ୍ତା ୨୬ରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବାତ୍ୟାକୁ ନେଇ ହଇଚଇ। ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ୨୮ ମଧ୍ୟାହ୍ନରେ ଆନ୍ଧ୍ରରେ ମାଡ଼ ହେବ ଓ ଓଡ଼ିଶାରେ ପ୍ରଭାବ ଛାଡ଼ିବ। ଆନ୍ଧ୍ର ଦେଇ ଏହା ଓଡ଼ିଶାରେ ପ୍ରବେଶ କରିବ। ଏଥିଯୋଗୁ ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହାର ମୁକାବିଲା ପାଇଁ ଓଡ଼ିଶା ଠାରୁ ଆରମ୍ଭ କରି ଆନ୍ଧ୍ରରେ ଚାଲିଛି ପ୍ରସ୍ତୁତି।



ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଥମେ ଘନୀଭୂତ ହୋଇ ଅବପାତ ଓ ଆଉ ଏବେ ଏହା ଗଭୀର ଅବପାତରେ ପରିଣତ ହୋଇଛି। ଦିନ ସାଢେ ୧୧ରେ ଅବପାତ ଗଭୀର ଅବପାତର ରୂପ ନେଇଛି। ଗଭୀର ଅବପାତରେ ପରିଣତ ହେବା ପରେ ଏହା ଦକ୍ଷିଣପଶ୍ଚିମ ଦିଗରେ ଘଣ୍ଟା ପ୍ରତି ୫ କିମି ବେଗରେ ଆଗକୁ ବଢୁଛି।ସମୁଦ୍ର ଭିତରେ ଘନୀଭୂତ ହେଉଛି ଗଭୀର ଅବପାତ। ଏହା ଆସନ୍ତାକାଲି ଅର୍ଥାତ ୨୬ ତାରିଖରେ ବାତ୍ୟା ଅର୍ଣ୍ଣବର ରୂପ ନେବ ଓ ୨୭ ତାରିଖ ସକାଳ ବେଳକୁ ଅତିଭୀଷଣ ରୂପ ଧାରଣ କରି ସ୍ଥଳ ଭାଗ ମୁହାଁ ହେବ।ଆସନ୍ତା ୨୮ ତାରିଖ ପୂର୍ବାହ୍ନରେ ଆନ୍ଧ୍ର ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିବା ନେଇ ଆକଳନ କରିଛି ପାଣିପାଗ ବିଭାଗ। ସ୍ଥଳଭାଗ ଛୁଇଁବା ବେଳକୁ ପବନର ବେଗ ଘଣ୍ଟାପ୍ରତି ୧୧୫ରୁ ୧୨୫ କିଲୋମିଟର ରହିପାରେ। ଝଟକା ପବନର ବେଗ ୧୪୦ କିଲୋମିଟର ଛୁଇଁପାରେ।

ଆନ୍ଧ୍ରରେ ଏହା ମାଡ଼ ହେବା ପରେ ଓଡ଼ିଶାରେ ପ୍ରବେଶ କରିବ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ତାଙ୍କ କହିବା କଥା ଯେ ବାତ୍ୟା ଯୋଗୁ ଓଡ଼ିଶାର ୫ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇପାରନ୍ତି। ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଉପରେ ବାତ୍ୟାର ପ୍ରଭାବ ଅଧିକ ରହିବ। ଏହି ୫ ଜିଲ୍ଲାକୁ କ୍ୟାଟେଗୋରୀ-୧ରେ ରଖି ପ୍ରସ୍ତୁତି କରାଯାଇଛି। କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାକୁ କ୍ୟାଟେଗୋରୀ-୨ରେ ରଖାଯାଇଛି। ବାତ୍ୟା ଆନ୍ଧ୍ରରେ ଦେଇ ଓଡ଼ିଶାକୁ ପ୍ରବେଶ କରିବ। ଦକ୍ଷିଣ ଓଡ଼ିଶାରେ ପ୍ରବେଶ ପରେ ପ୍ରବଳ ବର୍ଷା ହେବ। ପରେ ପଶ୍ଚିମ ଓଡ଼ିଶାକୁ ପ୍ରବେଶ କରି ଛତିଶଗଡ଼ ଯିବ। ଛତିଶଗଡ଼ରୁ ପୁଣି ଟର୍ଣ୍ଣ କରି ଝାରଖଣ୍ଡ ଆଡ଼କୁ ଗତି କରିବ।

### ୫ ଜିଲ୍ଲା ହେବେ ସର୍ବାଧିକ ପ୍ରଭାବିତ

### ମହାନଦୀରେ ଜଳସ୍ତର ବଢିବାର ଆଶଙ୍କା

### ୮ ମନ୍ତ୍ରୀଙ୍କୁ ୮ ଜିଲ୍ଲା ଓ ୫ ଆଇଏଏସ୍‌ଙ୍କୁ ଦାୟିତ୍ୱ

ଛତିଶଗଡ଼କୁ ଯିବା ବେଳେ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷିବ। ଛତିଶଗଡ଼ରେ ବର୍ଷା ହେଲେ ପାଣି ମହାନଦୀକୁ ଆସିବ। ତେଣୁ ପାଣି ରିଲିଜ ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି। ଝାରଖଣ୍ଡରେ ବର୍ଷା ହେଲେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲା ପ୍ରଭାବିତ ହୋଇପାରନ୍ତି ବୋଲି ସେ କହିଛନ୍ତି।

ଏପଟେ ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ୨୭ ତାରିଖରୁ ରାଜ୍ୟରେ ପ୍ରବଳ ବର୍ଷା ହେବ। ଏଥିଯୋଗୁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ଉପୁଜିପାରେ। ସେହିପରି କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାର ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହେବାର ଆଶଙ୍କା ରହିଛି। ଏହାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଯେହେତୁ ବାତ୍ୟା ଅର୍ଣ୍ଣବ ଆନ୍ଧ୍ରରୁ ଓଡ଼ିଶା ଦେଇ ଛତିଶଗଡ଼ ଆଡକୁ ମୁହାଁଇବ, ତେଣୁ ଏହାର ପ୍ରଭାବ ପଶ୍ଚିମ ଓଡ଼ିଶାରେ ବି ପଡ଼ିପାରେ। ଏନେଇ ଜଳ ନିଷ୍କାସନର ବ୍ୟବସ୍ଥା କିପରି ହେବ ସେଥିପାଇଁ ଛତିଶଗଡ ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି ଓଡ଼ିଶା ସରକାର। ଲଗାଣ ବର୍ଷା ଯୋଗୁ ମହାନଦୀରେ ଜଳସ୍ତର ବଢିବାର ଆଶଙ୍କା ରହିଛି। ପ୍ରବଳ ବର୍ଷା କାରଣରୁ କଟକରେ ଜଳବନ୍ଦୀ ସମସ୍ୟା ବି ଉପୁଜିପାରେ। ତେଣୁ କଟକ ଜିଲ୍ଲା ପାଇଁ ୩୦ ଟି ଟିମ ଗଠନ କରାଯାଇଛି। ଏହା ମଧ୍ୟରୁ ୪ଟି ଟିମ କଟକ ସହର ପାଇଁ ପ୍ରସ୍ତୁତ ହୋଇ ରହିଛି।

ଆସ୍କା ଲାଇଟ, କଂକ୍ରିଟ କଟର, ପ୍ଲାଜମା କଟର ସହ ଅନ୍ୟାନ୍ୟ ଯନ୍ତ୍ରପାତି ସହ ଟିମକୁ ଆଲର୍ଟରେ ରହିବାକୁ କୁହାଯାଇଛି। ବାତ୍ୟା ସମୟରେ ଜଳବନ୍ଦୀ ସମସ୍ୟା ହେଉ କି ପରବର୍ତ୍ତୀ ସମୟରେ ସମସ୍ତ ସ୍ଥିତିର ମୁକାବିଲା ଅଗ୍ନିଶମ କର୍ମଚାରୀ କରିବେ ବୋଲି କହିଛନ୍ତି କଟକ ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ଧଳ।

ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ୫ ଜିଲ୍ଲା ପାଇଁ ସରକାର ୫ ଆଇଏଏସ୍‌ଙ୍କୁ ମଧ୍ୟ ଦାୟିତ୍ୱ ଦେଇଛନ୍ତି। କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ରାୟଗଡ଼ା ଜିଲ୍ଲା, ଡ. ପୋମା ଟୁଡୁଙ୍କୁ କୋରାପୁଟ ଜିଲ୍ଲା, ବିଜୟ କୁମାର ଦାଶଙ୍କୁ ଗଜପତି ଜିଲ୍ଲା ଓ ଡ. ୟେଦୁଲା ବିଜୟଙ୍କୁ ମାଲକାନଗିରି ଦାୟିତ୍ୱ ଦିଆଯାଇଛି। ୮ ମନ୍ତ୍ରୀଙ୍କୁ ୮ ଜିଲ୍ଲା ଦାୟିତ୍ୱ ଦିଆଯାଇଛି। କୋରାପୁଟ ଜିଲ୍ଲା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ରାୟଗଡ଼ା ଜିଲ୍ଲା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାକୁ ଦାୟିତ୍ୱ ଦିଆଯାଇଛି। ସେହିପରି ନବରଙ୍ଗପୁର ଜିଲ୍ଲା ପାଇଁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମାଲକାନଗିରି ଜିଲ୍ଲା ପାଇଁ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କନ୍ଧମାଳ ଜିଲ୍ଲା ପାଇଁ ରବି ନାଏକ, କଳାହାଣ୍ଡି ଜିଲ୍ଲା ପାଇଁ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଞ୍ଜାମ ଜିଲ୍ଲା ପାଇଁ ମନ୍ତ୍ରୀ ବିଭୂତି ଜେନା , ଗଜପତି ଜିଲ୍ଲା ପାଇଁ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ମନ୍ତ୍ରୀମାନେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ନିଜ ନିଜ ଜିଲ୍ଲାରେ ଉପସ୍ଥିତ ରହି ବାତ୍ୟା ପ୍ରଶମନ ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିବେ।

## ସୀମାନ୍ତରେ ପୋଲିସ ଲଗାଇଲା ଚେକ୍ ପୋଷ୍ଟ

ଭୁବନେଶ୍ୱର, ୨୫।୧୦(ମହାଭାରତ): କୋଟିଆରେ ଆନ୍ଧ୍ର ପଞ୍ଚାୟତ ନିର୍ବାଚନ ଘୋଷଣା କରିବା ପରେ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ପୁଣି ତେଜିଛି। ଏହାକୁ ରୋକିବା ପାଇଁ ଓଡିଶା ପକ୍ଷରୁ ପଦକ୍ଷେପ ନିଆଯାଇଛି। ଓଡିଶା- ଆନ୍ଧ୍ର ସୀମାନ୍ତରେ ଲାଗିଲା ପୋଲିସ ଚେକ୍ ପୋଷ୍ଟ। ନେରେଡିବାଲସା ଓ ଫାଟୁସିନେରିରେ ପୋଲିସ ମୃତୟନ କରାଯାଇଛି। ଚେକ୍ ପୋଷ୍ଟରେ ଗାଡିଗୁଡିକ ଯାଞ୍ଚ କରାଯାଇଛି।କୋଟିଆରେ ଆନ୍ଧ୍ର ଆସନ୍ତା ନଭେମ୍ବର ୩ ତାରିଖରେ ନିର୍ବାଚନ କରିବ ବୋଲି ଘୋଷଣା କରିଛି। ଏହାକୁ ଓଡିଶା ପକ୍ଷରୁ ବିରୋଧ କରାଯାଇଛି। ନିର୍ବାଚନ ରୋକିବା ପାଇଁ ଓଡିଶା ପକ୍ଷରୁ ପଦକ୍ଷେପ ନିଆଯାଉଛି। କୋରାପୁଟ ଏସପିଙ୍କ ନିର୍ଦ୍ଦେଶରେ କୋଟିଆରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏସଡିପିଓ ସଞ୍ଜୟ ମଣ୍ଡଳଙ୍କ ନେତୃତ୍ୱରେ ସୀମାନ୍ତରେ ଚେକ୍ ପୋଷ୍ଟ ସ୍ଥାପନ କରାଯାଇଛି। ଅନ୍ୟପକ୍ଷରେ ଆନ୍ଧ୍ରର ଏପରି ପଦକ୍ଷେପ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ବୋଲି ଦର୍ଶାଇ କୋରାପୁଟ ଜିଲ୍ଲାପାଳ ଓ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

15001/123/2627

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଚଳିତ ବର୍ଷ ଅକ୍ଟୋବର ୨୬ ତାରିଖ ଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ମୁଁ ରାଜ୍ୟର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ସାଧାରଣ ଜୀବନରେ ସାଧୁତା ଓ ସ୍ୱଚ୍ଛତାକୁ ପାଳନ କରିବାକୁ ଅନୁରୋଧ କରୁଛି।

ଦୁର୍ନୀତି ପ୍ରଗତିର ଅନ୍ତରାୟ। ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଦୁର୍ନୀତିମୁକ୍ତ ଶାସନ ଅପରିହାର୍ଯ୍ୟ। କେବଳ ସରକାରୀ ପ୍ରୟାସ ନୁହେଁ, ବରଂ ସଚେତନ ନାଗରିକଙ୍କ ସକ୍ରିୟ ସହଭାଗିତା ହିଁ ଦୁର୍ନୀତି ବିରୋଧୀ ଅଭିଯାନକୁ ସଫଳ କରିପାରିବ। ରାଜ୍ୟର ପ୍ରତ୍ୟେକ ଜନସାଧାରଣ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ସାଧାରଣ ଜୀବନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆପଣାଇଲେ ଆମ ଶାସନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ।

ଆମ ରାଜ୍ୟକୁ ବିକାଶର ଶିଖରରେ ପହଞ୍ଚାଇବାକୁ ଆମ ସରକାର ଦୁର୍ନୀତି ବିରୁଦ୍ଧରେ 'ଜିରୋ ଟଲେରାନ୍ସ' ବା ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି । ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଅସାଧୁ ଅବସରପ୍ରାପ୍ତ ଅଧିକାରୀମାନଙ୍କ ପେନସନ ମଧ ବନ୍ଦ କରାଯାଇଛି । ଦୁର୍ନୀତି ବିରୋଧରେ ଓଡ଼ିଶା ଭିଜିଲାନ୍ସର କାର୍ଯ୍ୟାନୁଷ୍ଠାନ ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ରିପୋର୍ଟ ଅନୁଯାୟୀ ଓଡ଼ିଶା ଭିଜିଲାନ୍ସ ଦେଶର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦୁର୍ନୀତି ନିବାରଣ ସଂସ୍ଥା ଭାବେ ସ୍ଥାନ ପାଇଛି। ଏହା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ। ଏଥିପାଇଁ ମୁଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଉଛି।

ଆସନ୍ତୁ, ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବା। ସାଧୁତା ଓ ସ୍ୱଚ୍ଛତାକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅବଲମ୍ବନ କରି "ସମୃଦ୍ଧ ଓଡ଼ିଶା" ଗଢିବାରେ ସହାୟକ ହେବା । ଆପଣଙ୍କ ସହଯୋଗ ହିଁ ହେବ ସମୃଦ୍ଧ ଓଡ଼ିଶାର ଆଧାର।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0122

## ଶାରଳା ପୁରସ୍କାରରେ ସମ୍ମାନିତ ହେଲେ କବି ଆଶୁତୋଷ ପରିଡ଼ା

ଭୁବନେଶ୍ୱର,୨୫।୧୦(ମହାଭାରତ): ପ୍ରତିଷ୍ଠିତ ଶାରଳା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ବିଶିଷ୍ଟ କବି ଡକ୍ଟର ଆଶୁତୋଷ ପରିଡ଼ା। ଆଜି ଅନୁଷ୍ଠିତ ୪୭ତମ ଶାରଳା ପୁରସ୍କାର ପ୍ରଦାନ ସମାରୋହରେ ତାଙ୍କୁ ଏପରି ସମ୍ମାନରେ ସମ୍ମାନିତ କରାଯାଇଛି।ଡକ୍ଟର ପରିଡ଼ାଙ୍କୁ ତାଙ୍କ କବିତା ସଂକଳନ 'ବିଶ୍ୱାସ ଦେ ପୃଥିବୀ' ପାଇଁ ସମ୍ମାନଜନକ ଶାରଳା ପୁରସ୍କାର ମିଳିଛି। ପୁରସ୍କାର ଆକାରରେ ସେ ୭ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି, ତାମ୍ରଫଳକ ଓ ପ୍ରଶସ୍ତିପତ୍ର ପାଇଛନ୍ତି। ସେହିପରି ଓଡ଼ିଶୀ ଗୁରୁ ଦୁର୍ଗାଚରଣ ରଣବୀର ଓ ଭାସ୍କର୍ଯ୍ୟ ଶିଳ୍ପୀ ଦାମୋଦର ବେହେରାଙ୍କୁ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନରେ ସମ୍ମାନିତ କରାଯାଇଛି। ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍‌ର ସାମାଜିକ ଶାଖା 'ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ' ପକ୍ଷରୁ ପ୍ରତିବର୍ଷ ଶ୍ରେଷ୍ଠ ସାରସ୍ୱତ କୃତି ପାଇଁ ପ୍ରଦାନ କରାଯାଏ ଶାରଳା ପୁରସ୍କାର। ଇମ୍ପାକ୍ଟ ପକ୍ଷରୁ ଡକ୍ଟର ଆଶୁତୋଷ ପରିଡ଼ାଙ୍କୁ ୨୦୨୬ ବର୍ଷର ସମ୍ମାନଜନକ ଶାରଳା ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କର



ଚର୍ଚ୍ଚିତ କବିତା ସଂକଳନ 'ବିଶ୍ୱାସ ଦେ ପୃଥିବୀ' ପାଇଁ ଏହି ସମ୍ମାନ ମିଳିଛି। ୨୦୨୪ ମସିହାରେ ପ୍ରଭା ପବ୍ଲିକେଶନ୍ସ ପକ୍ଷରୁ ପ୍ରକାଶିତ ଏହି କବିତା ସଂକଳନ ଚଳିତ ବର୍ଷ ଶାରଳା ପୁରସ୍କାର ପାଇଁ ମନୋନୀତ ହୋଇଥିଲା।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ବିଶିଷ୍ଟ ତାମିଲ୍ କବି ତଥା ଗୀତିକାର ଆର୍. ବୈରାମୁଥୁ। ସେ ଡକ୍ଟର ପରିଡ଼ାଙ୍କୁ ଶାରଳା ପୁରସ୍କାର ପ୍ରଦାନ କରିଛନ୍ତି। ସେହିପରି ବରେଣ୍ୟ ଉଦଘାଟନ ଓ ସମ୍ମାନିତ ଅତିଥି ଭାବେ ଡକ୍ଟର ପ୍ରତିଭା ରାୟ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟ ସହ କଳା ଓ ସଂସ୍କୃତି କ୍ଷେତ୍ରର ବିଶିଷ୍ଟ ପ୍ରତିଭାମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି।ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଏବଂ ଅବଦାନ ପାଇଁ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଭାସ୍କର୍ଯ୍ୟ କଳା ଓ କଳା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଶିଳ୍ପୀ ଦାମୋଦର ବେହେରାଙ୍କୁ ମଧ୍ୟ ଏହି ସମ୍ମାନରେ ସମ୍ମାନିତ କରାଯାଇଛି।ଉଭୟ କଳା ସାଧକଙ୍କୁ ପ୍ରତ୍ୟେକ ୨ ଲକ୍ଷ ୫୦ ହଜାର ଟଙ୍କାର ନଗଦ ପୁରସ୍କାର ସହ ତାମ୍ରଫଳକ ଓ ପ୍ରଶସ୍ତିପତ୍ର ଦିଆଯାଇଛି। କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଓ ସ୍ୱତନ୍ତ୍ର ଅବଦାନ ପାଇଁ ପ୍ରତିବର୍ଷ ଏହି ସମ୍ମାନ ପ୍ରଦାନ କରାଯାଇଥାଏ।



# ଜୀବନଚର୍ଯ୍ୟା





## ଚିକେନ ଲଲିପପ

**ଆବଶ୍ୟକ ସାମଗ୍ରୀ:** ଚିକେନ, ସୋୟା ସସ, ଚିଲି ସସ, ଟମାଟୋ କ୍ୟାଚଅପ୍, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର, ମଇଦା, ଚିଲି ଫ୍ଲେକ୍ସ, ସ୍ପ୍ରିଙ୍ଗ ଓନିଅନ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ବାଉଲରେ ସୋୟା ସସ, ଚିଲିସସ, ଟମାଟୋ କ୍ୟାଚଅପ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର ଓ ମଇଦା, ଲୁଣକୁ ମିଶାଇ ଏକ ଭଲ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ସେଥିରେ ଚିକେନକୁ ମ୍ୟାରିନେଟ କରି ଗୋଟିଏ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ଏକ କଡ଼େଇରେ ତେଲ ଗରମ କରି ଚିକେନକୁ ଫ୍ରାଏ କରି ରଖନ୍ତୁ। ଏବେ ଆଉ ଏକ ପ୍ୟାନରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ଯାଇଥିବା, ଅଦା, ରସୁଣ, ଚିଲି ଫ୍ଲେକ୍ସ, ଚିଲି ସସ, ସୋୟା ସସ, ଟମାଟୋ କ୍ୟାଚଅପ୍, ଲୁଣ ମିଶାଇ ଗୋଳାନ୍ତୁ। ଅଳ୍ପ କିଛି ପାଣି ମିଶାନ୍ତୁ। ଏହାପରେ ସେଥିରେ ଛଣା ଯାଇଥିବା ଚିକେନ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ କିଛି ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ। ଏଥର ଚିକେନ ଲଲିପପ ପ୍ରସ୍ତୁତ ହୋଇଗଲା।



**..... ପରଦା ଖବର ......**

## ବକ୍ସ ଅଫିସରେ ରଜନୀକାନ୍ତଙ୍କ 'ଜେଲର ୨'ର ଜଲୱା




ସୁପରଷ୍ଟାର ରଜନୀକାନ୍ତଙ୍କ ଫିଲ୍ମ 'ଜେଲର ୨' ବକ୍ସ ଅଫିସରେ ନିଜର ଦବଦବା ବଜାୟ ରଖିଛି। ରିଲିଜ୍‌ର ଦ୍ୱିତୀୟ ସପ୍ତାହରେ ଆୟ କିଛି ମାତ୍ରାରେ ହ୍ରାସ ପାଇଥିଲେ ମଧ ଦ୍ୱିତୀୟ ଶନିବାରରେ ଫିଲ୍ମଟି ପୁଣି ଥରେ ଜବରଦସ୍ତ ବ୍ୟବସାୟ କରିଛି। ଆକ୍ସନ୍ ଓ ଡ୍ରାମାରେ ଭରପୂର ଏହି ଫିଲ୍ମକୁ ଦର୍ଶକଙ୍କ ଭଲ ପ୍ରତିକ୍ରିୟା ମିଳୁଥିବା ବେଳେ ଏହାର ଆୟ ନିର୍ମାତାଙ୍କୁ ଆଶ୍ୱସ୍ତ କରିଛି। ଦଶମ ଦିନର ବକ୍ସ ଅଫିସ୍ ରିପୋର୍ଟ ଅନୁସାରେ, ଫିଲ୍ମର ଆୟରେ ଉଲ୍ଲେଖନୀୟ ବୃଦ୍ଧି ଦେଖାଯାଇଛି। ସାକନିଲ୍କର ଆକଳନ ଅନୁଯାୟୀ, ରିଲିଜ୍‌ର ଦଶମ ଦିନ ଅର୍ଥାତ୍ ଦ୍ୱିତୀୟ ଶନିବାରରେ 'ଜେଲର ୨' ଭାରତରେ ପ୍ରାୟ ୨୪.୧୫ କୋଟି ଟଙ୍କାର ନେଟ୍ କଲେକ୍ସନ କରିଛି। ଏହାର ପୂର୍ବ ଦିନ ଶୁକ୍ରବାରରେ ଫିଲ୍ମଟି ୧୪.୫୦ କୋଟି ଟଙ୍କା ଆୟ କରିଥିଲା। ଏହା ତୁଳନାରେ ଶନିବାରର ଆୟରେ ପ୍ରାୟ ୬୬.୬ ପ୍ରତିଶତ ବୃଦ୍ଧି ହୋଇଛି। ଦ୍ୱିତୀୟ ସପ୍ତାହରେ ମଧ ଫିଲ୍ମଟି ଦର୍ଶକଙ୍କୁ ସିନେମା ହଲ୍?କୁ ଆକର୍ଷିତ କରିବାରେ ସଫଳ ହୋଇଛି। ଦଶମ ଦିନର ଆୟ ସହ ଫିଲ୍ମର ଭାରତୀୟ ନେଟ୍ କଲେକ୍ସନ ପ୍ରାୟ ୩୭୩ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଭାରତରେ ଏହାର ଗ୍ରସ୍ କଲେକ୍ସନ ପ୍ରାୟ ୪୩୬.୮୦ କୋଟି ଟଙ୍କା ରହିଛି। ବିଦେଶୀ ବଜାରରେ ମଧ ଫିଲ୍ମଟି ଭଲ ବ୍ୟବସାୟ କରିଛି। ଦଶମ ଦିନରେ ବିଦେଶରୁ ପ୍ରାୟ ୧୦ କୋଟି ଟଙ୍କା ଆୟ ହୋଇଥିବା ବେଳେ ମୋଟ ବିଦେଶୀ କଲେକ୍ସନ ୨୨୯.୫୦ କୋଟି ଟଙ୍କାରେ ପହଞ୍ଚିଛି। ଏହା ଫଳରେ ଫିଲ୍ମର ବିଶ୍ୱବ୍ୟାପୀ ଗ୍ରସ୍ କଲେକ୍ସନ ୬୬୬.୩୦ କୋଟି ଟଙ୍କା ହୋଇଛି।

## ଅନନ୍ୟ ପର୍ଯ୍ୟଟନସ୍ଥଳୀ ମଣ୍ଡନଗିରୀ

ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ସଂପୁରସ୍ଥିତ ମଣ୍ଡନଗିରୀ ହେଉଛି ସର୍ବପୁରାତନ ରଘୁନାଥଙ୍କ ବିଜେସ୍ଥଳୀ। କାହିଁ କେଉଁ କାଳରୁ ରହି ଆସିଛି ଏହି ମନ୍ଦିରର ଐତିହାସିକ କିମ୍ବଦନ୍ତୀ। ପ୍ରକୃତି ରାଣୀ ସତେ ସଜାଇ ଦେଇଛି ଏହି ମନୋରମ ପର୍ବତମାଳା, ଝରଣାର କୁଳୁକୁଳୁ ନାଦ, ଚଢେଇର କିଚିରିମିଚିରି ଶବ୍ଦ ଓ ଭକ୍ତମାନଙ୍କର ମାନସିକ ପୂରଣ ହେବାର ସମ୍ପୂର୍ଣ୍ଣ ବିଶ୍ୱାସ। ସେଇଥି ପାଇଁ ବର୍ଷକ ବାର ମାସ ହଜାର ହଜାର ଶ୍ରଦ୍ଧାଳୁ ଏହି ସ୍ଥାନକୁ ଆସିଥାନ୍ତି। ସମୁଦ୍ର ପଉନ ଠାରୁ ୧୨ ଶହ ଫୁଟରେ ଜଳ ପୂର୍ଣ୍ଣ ପୁଷ୍କରୀଣୀ ଅତ୍ୟନ୍ତ ମନୋରମ। ମନ୍ଦରର ପୂର୍ବ ପାର୍ଶ୍ୱରେ ଠାକୁରଙ୍କ ପାଦ ଚିହ୍ନ, ବିଚାରସ୍ଥଳୀ, କାଶିଆକପିଳା ପାହାଡ, ସିଦ୍ଧ ଗୁମ୍ଫା, କିଆଝର, ବାଘ ଗୁମ୍ଫା ଭଳି ବିଭିନ୍ନ କିମ୍ବଦନ୍ତୀ ଏଠାରେ ଦେଖିବାକୁ ମିଳେ। ବର୍ତ୍ତମାନର ଆଧୁନିକ ଯୁଗରେ ସେଲିଫି ନେବା ପାଇଁ ବହୁ ଯୁବ ବର୍ଗଙ୍କ ପେଣ୍ଠସ୍ଥଳୀ ପାଲଟିଛି ଏହି ମଣ୍ଡନଗିରୀ ପର୍ବତମାଳା। ପର୍ଯ୍ୟଟନର ମାନ୍ୟତା ପାଇଥିଲେ ମଧ ଏଠାରେ ବହୁ ସମସ୍ୟା ଦେଖା ଦେଇଛି। ଏହି ସମସ୍ୟା ଗୁଡିକ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସଞ୍ଜୟ ସ୍ୱାଇଁ, ଅବିନାଶ ମହାନ୍ତି, ସାମ୍ବାଦିକ ନିରଞ୍ଜନ ପଟ୍ଟନାୟକ, ପ୍ରଦୀପ ମହଲା, ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଶେଷଦେବ ସ୍ୱାଇଁ, ପ୍ରଦିପ୍ତ ଘଡେଇ, ମାନସ ଲେଙ୍କା ତଥା ସମାଜସେବୀ ଓ ସଂପୁର ଗ୍ରାମବାସୀ ଦାବି ଜଣାଇଛନ୍ତି।



## କେବେ ଶୁଭିଥିଲା ଶ୍ରୀକୃଷ୍ଣଙ୍କ ଶେଷ ବଂଶୀସ୍ୱନ ?

ରାଧା-କୃଷ୍ଣଙ୍କ ପ୍ରେମ କାହାଣୀକୁ ଆତ୍ମା ସହ ପରମାତ୍ମାଙ୍କ ମିଳନ ବୋଲି କୁହାଯାଏ। ଯେବେ ବି ପବିତ୍ର ପ୍ରେମର ଉଦାହରଣ ଦିଆଯାଏ, ସେତେବେଳେ ପୁରାଣବର୍ଣ୍ଣିତ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ଅନାବିଳ ପ୍ରେମ କାହାଣୀ ହିଁ କୁହାଯାଏୟ ଗୋପପୁରରେ ରାଧା-କୃଷ୍ଣଙ୍କ ପ୍ରେମକୁ ନେଇ ଅନେକ ବର୍ଣ୍ଣନା ପୁରାଣରେ ରହିଛି। ସେହି ବର୍ଣ୍ଣନା ଅନୁସାରେ ରାଧା-କୃଷ୍ଣଙ୍କ ଏହି ମିଳନରେ ପ୍ରମୁଖ ଭୂମିକା ନେଇଥିଲା ବଂଶୀ। ତେଣୁ ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ଥିଲା ବଂଶୀ। ଗୋଟିଏ ମୁହୂର୍ତ୍ତ ବି ସେ ବଂଶୀକୁ ନିଜ ପାଖରୁ ଅଲଗା କରୁ ନ ଥିଲେ। କୁହାଯାଏ, ଶ୍ରୀରାଧାଙ୍କ ପରେ ବଂଶୀ ହିଁ ଥିଲା ଶ୍ରୀକୃଷ୍ଣଙ୍କ ପ୍ରିୟତମ। ଏହି ବଂଶୀର ସ୍ୱର ଶୁଣି ହିଁ ରାଧା ତାଙ୍କ ପାଖକୁ ପାଗଳି ପରି ଧାଇଁ ଆସୁଥିଲେ। ତେଣୁ ଶ୍ରୀକୃଷ୍ଣ ବଂଶୀକୁ କେବେ ବି ନିଜ ପାଖରୁ ଦୂରେଇ ରଖୁ ନଥିଲେ। କାହ୍ନାଙ୍କର ପ୍ରିୟ ଏହି ବଂଶୀକୁ ହିଁ ପ୍ରେମର ପ୍ରତୀକ ବୋଲି କୁହାଯାଏ।





## କାଶ୍ମୀରର ପାରମ୍ପରିକ ଖାଦ୍ୟ



କେତେକ ପାରମ୍ପରିକ ଖାଦ୍ୟ କାଶ୍ମୀରରେ ଖୁବ ପ୍ରସିଦ୍ଧ। ଆସନ୍ତୁ ଜାଣିବା ସେହି ଖାଦ୍ୟ ବିଷୟରେ...

କାଶ୍ମୀର ପଲାଉ : ଏଠାରେ ପ୍ରସ୍ତୁତ ହେଉଥିବା କାଶ୍ମୀର ପଲାଉ ସୁନ୍ଦର ବାସ୍ନାର ବାସୁମତୀ ଚାଉଳକୁ କ୍ଷୀର, ଚିନି ଓ ଡ୍ରାଏ ଫ୍ରୁଟ୍ସକୁ ପକାଇ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହା ଖୁବ ସୁଆଦିଆ।

ଆମିଷ ପ୍ରେମୀ ମାନେ ସାଧାରଣତଃ ବାସୁମତୀ ଚାଉଳରେ ମଟନ ପକାଇ ପଲାଉ ପ୍ରସ୍ତୁତ କରି ଖାଇଥାଆନ୍ତି।

ନଦର ୟଖ୍‌ନା : ଏହା ଏକ ଶାକାହାରୀ କାଶ୍ମୀର ବ୍ୟଞ୍ଜନ ଅଟେ। ଏହା ଦହି, ଅଦା, ତେଜପତ୍ର ଆଦି ପକାଇ ଏହାକୁ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହା ଖୁବ ସୁଆଦିଆ।

ୟୋଗର୍ଟ କରୀ :
ଦହି ସହ ଗୋଲମରିଚ, ଗୁଜୁରାତି, ପିଆଜ ବଟା ଆଦି କେତେ ପ୍ରକାର ଦ୍ରବ୍ୟକୁ ମିଶାଇ ଏହାକୁ ପ୍ରସ୍ତୁତ କରାଯାଏ। ଏହା ଖୁବ ସ୍ୱାଦିଷ୍ଟ ଓ ଏହାର ବାସ୍ନା ମଧ ଖୁବ ଭଲ। ୟୋଗର୍ଟ କରୀ ପ୍ରସ୍ତୁତ କରିବା ପରେ ଏହାଉପରେ ଶୁଖିଲା ପୁଦିନା ପତ୍ର ମଧ ପକାଯାଏ।

ମଟନ ରୋଗନ ଜୋଶ :
ଏହା କାଶ୍ମୀରର ଏକ ପ୍ରସିଦ୍ଧ ବ୍ୟଞ୍ଜନ ଅଟେ। ଏହାକୁ ମଟନ ସହ ଭଜା ପିଆଜ, ବିଭିନ୍ନ ପ୍ରକାରର ମସଲା ଦହି ପକାଇ ପ୍ରସ୍ତୁତ କରାଯାଏ। ଏଥିରେ କାଶ୍ମୀର ଲଙ୍କା ଗୁଣ୍ଡ ପକାଇବା ପରେ ଏହାର ରଙ୍ଗରେ ପରିବର୍ତ୍ତନ ଆସେ ଓ ସ୍ୱାଦ ବଢିଯାଏ।

ମଟନ ରୀଷ୍ଟା :
ଏହି ବ୍ୟଞ୍ଜନ ବିଶେଷ କରି ଥଣ୍ଡା ସମୟରେ ଓ ସ୍ୱତନ୍ତ୍ର ସମୟରେ ପ୍ରସ୍ତୁତ କରାଯାଏ। ଏହି ବ୍ୟଞ୍ଜନ ମସଲା ଯୁକ୍ତ, ଦହି ଓ ବୋନଲେସ୍ ମଟନରେ ପ୍ରସ୍ତୁତ କରାଯାଏ। ଖାଇବାକୁ ମଧ ଏହା ଖୁବ ସୁଆଦିଆ।

ହାକ :
ହାକ ଦେଖିବାକୁ ପାଳଙ୍ଗ ଶାଗ ଭଳି। ଏହାକୁ ପ୍ରସ୍ତୁତ କରିବାକୁ ସୋରିଷ ତେଲର ବ୍ୟବହାର କରାଯାଏ। ସୋରିଷ ତେଲରେ ମସଲା ପକାଇ ପାଳଙ୍ଗ ଶାଗକୁ ୩୦ ମିନିଟ ଯାଏଁ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହି ବ୍ୟଞ୍ଜନ ସୁଆଦିଆ ଓ ସ୍ୱାସ୍ଥ୍ୟକର ଅଟେ।

କାଶ୍ମୀର ଶାଗ :
ଏହି ପ୍ରକାରର ବ୍ୟଞ୍ଜନକୁ ସାଧାରଣତଃ ଶୀତଦିନରେ ଅଧିକ ଖାଇବାକୁ ମିଳିଥାଏ। ପିଆଜ, ଟମାଟୋ, କଞ୍ଚା ଲଙ୍କା, ମସଲା ଆଦି ପକାଇ ପ୍ରସ୍ତୁତ କରାଯାଏ। ଏହା ମଧ ଖାଇବାକୁ ଖୁବ ସୁଆଦିଆ।



## ରାତିରେ ୟୁରିକ୍ ଏସିଡ୍ କାହିଁକି ବୃଦ୍ଧି ପାଏ ?

ଶରୀରରେ ପ୍ୟୁରିନ୍ ନାମକ ଏକ ଉପାଦାନ ଭାଙ୍ଗିଗଲେ ୟୁରିକ୍ ଏସିଡ୍ ସୃଷ୍ଟି ହୁଏ। ଏହା ସାଧାରଣତଃ ରକ୍ତରେ ଦ୍ରବୀଭୂତ ହୋଇ ବାହାରକୁ ବାହାରିଯାଏ, କିନ୍ତୁ ଯେତେବେଳେ ଏହାର ପରିମାଣ ବୃଦ୍ଧି ପାଏ, ଏହା ସ୍ଫଟିକ ଗଠନ କରି ସନ୍ଧିରେ ଜମା ହୋଇପାରେ । ବିଶେଷକରି ରାତିରେ, ଏପରି ପରିସ୍ଥିତିରେ ଶରୀର ଆମକୁ କିଛି ସଙ୍କେତ ଦିଏ, ଯାହାକୁ ଚିହ୍ନିବା ବହୁତ ଗୁରୁତ୍ୱପୂର୍ଣ୍ଣ।



ସନ୍ଧିରେ ହଠାତ୍ ତୀବ୍ର ଯନ୍ତ୍ରଣା: ଯେତେବେଳେ ୟୁରିକ ଏସିଡ୍ ବୃଦ୍ଧି ପାଏ, ପ୍ରଥମେ ସନ୍ଧିଗୁଡ଼ିକ ପ୍ରଭାବିତ ହୁଏ। ରାତିରେ ଗୋଟିଏ ଗୋଡରେ ହଠାତ୍ ଅସହ୍ୟ ଯନ୍ତ୍ରଣା ଏହାର ଏକ ପ୍ରମୁଖ ଲକ୍ଷଣ ହୋଇପାରେ।

ସନ୍ଧିରେ ଫୁଲା ଏବଂ ଉଷ୍ମତା: ଯଦି ଆପଣ ରାତିରେ ଆଙ୍ଗୁଠି, ଗୋଡ଼ କିମ୍ବା ଆଣ୍ଠୁରେ ହାଲୁକା ଫୁଲା ଏବଂ ଉଷ୍ମତା ଅନୁଭବ କରନ୍ତି, ତେବେ ଏହା ୟୁରିକ ଏସିଡ୍ ସ୍ଫଟିକ ଜମା ହେବାର ଏକ ଲକ୍ଷଣ।

ହାଲୁକା ଜ୍ୱର: ବର୍ଦ୍ଧିତ ୟୁରିକ ଏସିଡ୍ ଶରୀରରେ ପ୍ରଦାହ ବୃଦ୍ଧି କରେ । ଯାହା ଦ୍ୱାରା ହାଲୁକା ଜ୍ୱର, ଅସୁବିଧା କିମ୍ବା ରାତିରେ ଝାଳ ବାହାରିପାରେ।

କମ୍ ପରିସ୍ରା କିମ୍ବା ଜଳାପୋଡ଼ା ଅନୁଭବ: ଶରୀରରୁ ୟୁରିକ୍ ଏସିଡ୍ ପରିସ୍ରା ମାଧ୍ୟମରେ ବାହାରକୁ ବାହାରିଯାଏ, କିନ୍ତୁ ଯେତେବେଳେ ଏହା ବୃଦ୍ଧି ପାଏ, ପରିସ୍ରା କମ୍ ହୋଇପାରେ କିମ୍ବା ପରିସ୍ରା ସମୟରେ ଜଳାପୋଡ଼ା ଅନୁଭବ ହୋଇପାରେ। ଏହି ଲକ୍ଷଣଗୁଡ଼ିକ ରାତିରେ ଅଧିକ ଅନୁଭୂତ ହୋଇପାରେ।

କ୍ଲାନ୍ତି ଏବଂ ଭାରୀ ଅନୁଭବ: ଯଦି ରାତିରେ ପରିଶ୍ରମ ନକରି ମଧ ଶରୀର ଭାରୀ ଅନୁଭବ ହୁଏ କିମ୍ବା ଶୋଇବା ପରେ ମଧ ଆପଣ ସତେଜ ଅନୁଭବ କରନ୍ତି ନାହିଁ, ତେବେ ଏହା ଅଧିକ ୟୁରିକ ଏସିଡ୍ ଯୋଗୁଁ ମେଟାବୋଲିକ୍ ଅସନ୍ତୁଳନର ଲକ୍ଷଣ ହୋଇପାରେ ।

ରାତିରେ ଯନ୍ତ୍ରଣା: ଦିନସାରା ସନ୍ଧିରେ କୌଣସି ଯନ୍ତ୍ରଣା ହୁଏ ନାହିଁ, କିନ୍ତୁ ଯଦି ଏହି ଯନ୍ତ୍ରଣା କେବଳ ରାତିରେ ହୁଏ, ତେବେ ଏହା ୟୁରିକ ଏସିଡର ସମସ୍ୟା।

# ଦ୍ରୁତ ଗତିରେ ଆଗଉଛି ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା

**ଭୁବନେଶ୍ୱର,୨୫।୧୦ (ମହାଭାରତ):** ମୁମ୍ବାଇର ବମ୍ବେ ଏକ୍ସିବିସନ୍ ସେଂଟରଠାରେ 'ଇଣ୍ଡିଆ କେମ୍ ୨୦୨୬'ର ୧୪ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ଏବଂ ଫିକିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ତିନିଦିନିଆ ଶିଳ୍ପ ମହାକୁମ୍ଭରେ ଯୋଗଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟକୁ ଖଣିଭିତିକ ଅର୍ଥନୀତିରୁ କେମିକାଲ୍ ଓ ପେଟ୍ରୋକେମିକାଲ୍-ଭିତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର କରାଇବାର ସଂକଳ୍ପ ପ୍ରକାଶ କରିଛନ୍ତି। ୨୦୪୦ ସୁଦ୍ଧା ଭାରତର ୧ ଟ୍ରିଲିୟନ୍ ଡଲାରର କେମିକାଲ୍ ଅର୍ଥନୀତି ଲକ୍ଷ୍ୟକୁ ସାକାର କରିବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ନିବେଶ କରିବାକୁ ଏବଂ ସମୃଦ୍ଧ ଓଡ଼ିଶାର ଅଂଶୀଦାର ହେବାକୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ରାଜ୍ୟର ଖଣିଭିତିକ ଅର୍ଥନୀତିରୁ ଏକ କେମିକାଲ୍-ଭିତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର ହେବାର ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି। ରାଜ୍ୟର ଖଣିଜ ସମ୍ପଦ, ବନ୍ଦର, ଶିଳ୍ପ ଭିତିଭୂମି ଏବଂ ନୂତନ ନିବେଶ ସୁଯୋଗଗୁଡ଼ିକୁ କାମରେ ଲଗାଇ ଏହି ରୂପାନ୍ତରଣ କରାଯିବ ବୋଲି ସେ ମତ ଦେଇଛନ୍ତି।



ମୁଖ୍ୟମନ୍ତ୍ରୀ ପାରାଦୀପ, ଗୋପାଳପୁର ଏବଂ ଧାମରା ବନ୍ଦର ମାଧ୍ୟମରେ ଓଡ଼ିଶାର ରଣନୈତିକ ସୁବିଧାଗୁଡ଼ିକୁ ଆଲୋକପାତ କରିଥିଲେ, ଯାହାକି ଆଭ୍ୟନ୍ତରୀଣ ଏବଂ ଆନ୍ତର୍ଜାତିକ ବଜାର ସହିତ ସଂଯୋଗ ସ୍ଥାପନ କରିବାରେ ସହାୟକ ହେଉଛି। ସେ ପାରାଦୀପ ପେଟ୍ରୋଲିୟମ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ଇନଭେଷ୍ଟମେଂଟ ରିଜନ , ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ଼ର ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ଏବଂ ପାରାଦୀପର ପ୍ଲାଷ୍ଟିକ୍ ପାର୍କର ଗୁରୁତ୍ୱକୁ କହି ପଲିମର, ପ୍ୟାକେଜିଂ ଏବଂ ଟେକ୍ନିକାଲ୍ ଟେକ୍ସଟାଇଲ୍ସ କ୍ଷେତ୍ରରେ ଡାଉନ୍ ଷ୍ଟ୍ରିମ୍ ସୁଯୋଗ ସୃଷ୍ଟି କରୁଛି ବୋଲି କହିଥିଲେ। ଗୋପାଳପୁରରେ ରେଫ୍ରିଜରେଂଟ୍ସ, ଫ୍ଲୋରୋକେମିକାଲ୍ସ, ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ତଥା ତାଳଚେର ଏବଂ ଲଖନପୁରରେ କୋଇଲା ଗ୍ୟାସୀକରଣ ଭିତିକ ପ୍ରକଳ୍ପଗୁଡ଼ିକରେ ଉତ୍ପନ୍ନ ହେଉଥିବା ନୂତନ ସୁଯୋଗଗୁଡ଼ିକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଏହି ବିକାଶଗୁଡ଼ିକ ଆଭ୍ୟନ୍ତରୀଣ ଉତ୍ପାଦନକୁ ଦୃଢ଼ କରିବା ଏବଂ ଭାରତର କେମିକାଲ୍ ଓ ପେଟ୍ରୋକେମିକାଲ୍ ମୂଲ୍ୟ ଶୃଙ୍ଖଳାରେ ଓଡ଼ିଶାର ଭୂମିକାକୁ ସମ୍ପ୍ରସାରିତ କରିବାରେ ସାହାଯ୍ୟ କରିବ ବୋଲି ସେ ମତପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ଓଡ଼ିଶାରେ ଅଢ଼େଇ ବର୍ଷରୁ କମ୍ ସମୟ ମଧ୍ୟରେ ପ୍ରାୟ ୨୦୦ଟି ଶିଳ୍ପ ପ୍ରତିଷ୍ଠାନ ସ୍ଥାପିତ ହୋଇଛି, ଯାହାକି ପ୍ରାୟ ୩.୫୨ ଲକ୍ଷ କୋଟି ଟଙ୍କାର ନିବେଶକୁ ପ୍ରତିନିଧିତ୍ୱ କରୁଛି। ରାଜ୍ୟରେ ୨୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ପ୍ରାପ୍ତ ହୋଇଛି, ଯେଉଁଥିରୁ ୧୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକକୁ ହାଇ-ଲେଭେଲ୍ କ୍ଲିୟରାନ୍ସ ଅଥରିଟି ଅନୁମୋଦନ ପ୍ରଦାନ କରିଛନ୍ତି। ସେ ସେପ୍ଟେମ୍ବର ୨୦୨୬ରେ ୟୁଏଇ ଠାରେ ଅନୁଷ୍ଠିତ ନିବେଶକ ସମ୍ମିଳନୀକୁ ମଧ୍ୟ ସ୍ମରଣ କରିଥିଲେ, ଯେଉଁଠାରେ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିଲା; ଯେଉଁଥିରେ ଆନ୍ତର୍ଜାତିକ ହୋଲ୍ଡିଂ କମ୍ପାନୀ ରୁ ପ୍ରାୟ ୨.୧୦ ଲକ୍ଷ କୋଟି ଟଙ୍କା ଅନ୍ତର୍ଭୁକ୍ତ ଥିଲା। ଏହି ପ୍ରସ୍ତାବଗୁଡ଼ିକ ମଧ୍ୟରୁ ଅନେକ କେମିକାଲ୍ସ, ପେଟ୍ରୋକେମିକାଲ୍ସ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସହିତ ଜଡ଼ିତ। ରାଜ୍ୟର ଶିଳ୍ପ-ଅନୁକୂଳ ମନୋଭାବକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଉପସ୍ଥାପନ କରି ଶ୍ରୀ ମାଝୀ ଓଡ଼ିଶାର ଶିଳ୍ପ ନୀତି ସହାୟତା, ଭିତିଭୂମି, ଦକ୍ଷ ଶ୍ରମଶକ୍ତି ଏବଂ ପ୍ରତିଷ୍ଠାନିକ ଇକୋସିଷ୍ଟମକୁ ପ୍ରଶଂସା କରିଥିଲେ।

# ଆଇଆଇଟି ବିଏଚୟୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



**ଭୁବନେଶ୍ୱର,୨୫।୧୦ (ମହାଭାରତ):** ଆଇଆଇଟି (ବିଏଚୟୁ) ବାରଣାସୀ ଦ୍ୱାରା ଆୟୋଜିତ ବାର୍ଷିକ କ୍ରୀଡା ମହୋତ୍ସବ 'ସ୍ପର୍ଦ୍ଧା ୨୦୨୬'ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ଛାତ୍ରଛାତ୍ରୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ମହିଳା ବିଭାଗ ଉଭୟ କବାଡି ଓ ବାସ୍କେଟବଲରେ ସୋଆ ଦଳ ଚମ୍ପିଅନ ହୋଇଛନ୍ତି। ମହିଳା କବାଡି, ବାସ୍କେଟବଲ ଦଳ ଚମ୍ପିଅନ, ପୁରୁଷ ଖୋ ଖୋ, କବାଡି ଦଳ ରନର୍ସଅପ୍, ମହିଳା ଖୋ ଖୋ ଦଳ ତୃତୀୟ ହୋଇଥିବା ବେଳେ ଉନ୍ନତ ପ୍ରଦର୍ଶନ ପାଇଁ ସୋଆକୁ 'ବେଷ୍ଟ ଆଉଟ୍‌ଷ୍ଟେସନ' ଦଳ ପୁରସ୍କାର ପ୍ରଦାନ କରାଯାଇଛି।

ଛାତ୍ରଛାତ୍ରୀଙ୍କର ଏହି ସଫଳତା ନିମନ୍ତେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆନନ୍ଦ ବ୍ୟକ୍ତ କରିଛନ୍ତି ଓ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ବାରଣାସୀରୁ ଫେରିବା ପରେ ଛାତ୍ରଛାତ୍ରୀମାନେ ଗୁରୁବାର ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟରେ ପ୍ରତିଷ୍ଠାତା ସଭାପତିଙ୍କୁ ଭେଟି ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରନ ଦାସ ଏବଂ ସ୍ପୋର୍ଟ୍ସ ଅଫିସର ଶ୍ରୀମତି ସୁନୀତା ବର୍ମାଙ୍କ ସମେତ ଅନ୍ୟ କର୍ମକର୍ତାମାନେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ଚଳିତ ଅକ୍ଟୋବର୯ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ଉଦ୍‌ଯାପିତ ହୋଇଥିଲା। 'କ୍ରିକେଟ, ଫୁଟବଲ, ଭଲିବଲ, ବ୍ୟାଡମିଂଟନ, ଖୋ ଖୋ, କବାଡି ଓ ବାସ୍କେଟବଲ ପ୍ରଭୃତି କ୍ରୀଡାରେ ସୋଆ ବିଶ୍ୱବିଦ୍ୟାଳୟରୁ ୧୪୦ ଜଣ ଖେଳାଳି ଓ ୧୦ଜଣ କର୍ମଚାରୀ ଏଥିରେ ଅଂଶ ଗ୍ରହଣ କରିଥିଲେ।

# ମଧ୍ୟ ନିର୍ବାଚନ ମଣ୍ଡଳୀରେ ଜନସମ୍ପର୍କ ପଦଯାତ୍ରା



**ଭୁବନେଶ୍ୱର,୨୫।୧୦ (ମହାଭାରତ):** ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀ ରେ ବିଜୁ ଜନତା ଦଳ ର ଜନ ସମ୍ପର୍କ ପଦଯାତ୍ରା ଆଜି ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ବିଜେଡି ସଭାପତି ଶ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ବିଜେଡି ସରକାରରେ ବିକାଶ ଥିଲା ମୁଖ୍ୟ ଏଜେଣ୍ଡା। କିନ୍ତୁ ଏ ଡବଲ ଇଞ୍ଜିନ ସରକାର ପାଇଁ ତାଙ୍କ ଦଳର ବିକାଶ ମୁଖ୍ୟ ଏଜେଣ୍ଡା ହୋଇଛି। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏ ସରକାର ଅମଳରେ ସମସ୍ତେ ହଇରାଣ। ଚାଷୀ ହଇରାଣ ମହିଳା ହଇରାଣ, ବୁଢ଼ା ବୁଢ଼ୀ ହଇରାଣ। ଗରିବ ଲୋକ ହଇରାଣ। ମଧ୍ୟବିତ୍ତ ହଇରାଣ। ଜେନ୍ ଜି ର ଭବିଷ୍ୟତ ଅନ୍ଧାର। ଅତ୍ୟାବଶକ ଦ୍ରବ୍ୟ ର ଦରଦାମ ବଢ଼ି ଚାଲିଛି। ସମସ୍ତେ ହଇରାଣ୍। କିନ୍ତୁ ସରକାର ନିଦା ବିଷ୍ଣୁ। ଅପାରଗତା ରେ ଓଡିଶା ସରକାର ସାରା ଦେଶ ରେ ନମ୍ବର ୱାନ ବୋଲି ଶ୍ରୀ ପଟ୍ଟନାୟକ କଟାକ୍ଷ କରିଥିଲେ। ତେଣୁ ଲୋକଙ୍କ ସହ ରହି ଏ ଅପାରଗ ସରକାର ର ମୁଖା ଖୋଲି ଦେବାକୁ ଶ୍ରୀ ପଟ୍ଟନାୟକ ଦଳ ର କର୍ମୀ ମାନଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଓ ଶ୍ରୀ ମନ୍ମଥ ରାଉତରାୟ ପ୍ରମୁଖ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କ ତୀବ୍ର ସମାଲୋଚନା କରିଥିଲେ। ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।ଏହି ସମାବେଶ ରେ ସ୍ଥାନୀୟ କର୍ପୋରେଟର ଶ୍ରୀ ଭରତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିପୁଳ ଜନ ସମାବେଶ ହୋଇଥିଲା।

# କୋଟିଆ ପଛେ ଯାଉ, ମୋଦିଙ୍କ ଆସନ ସୁରକ୍ଷିତ ରହୁ : କଂଗ୍ରେସ

**ଭୁବନେଶ୍ୱର,୨୫।୧୦ (ମହାଭାରତ):** ଗତ ୧୪ ତାରିଖ ଦିନ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ ଘୋଷଣା କରିବାପରେ କୋଟିଆ ପ୍ରସଙ୍ଗ ଏକ ବଡ଼ ପ୍ରସଙ୍ଗ ହୋଇ ଛିଡ଼ା ହୋଇଛି । ଆନ୍ଧ୍ର ସରକାରଙ୍କର ପାର୍ବତୀପୁରମ ମାନ୍ୟମ ନୂଆ ଜିଲ୍ଲାର ଅଧିକାରୀମାନେ କୋଟିଆ ଅଞ୍ଚଳରେ ପ୍ରବେଶକରି ପଞ୍ଚାୟତ ନିର୍ବାଚନ କରିବାପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏ ଘଟଣା ଜାଣିଲାପରେ ମଧ୍ୟ ରାଜ୍ୟ ସରକାର ଯେଉଁଭଳି ଭାବରେ ତତ୍ପରତା ଦେଖାଇବା କଥା ତାହା ଦେଖାଉନାହାନ୍ତି । ଆମ ନିଜ ଅଞ୍ଚଳ ଓ ନିଜ ଜମିକୁ ଆନ୍ଧ୍ର ସରକାର ଅନୁପ୍ରବେଶ କରି ହାତ କରିନେବାକୁ ବସିଥିବା ବେଳେ ରାଜ୍ୟର ଡବଲ ଇଞ୍ଜିନ ସରକାର ଏବଂ ଖୋଦ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ସଂପୂର୍ଣ୍ଣ ନିରବତା ଏ ସରକାରର ମୁଖା ଖୋଲି ଦେଇଛି। ରାଜ୍ୟ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ମିଡିଆ ବିଭାଗର ଅଧ୍ୟକ୍ଷ ଶ୍ରୀ ଅରବିନ୍ଦ ଦାସ କହିଲେ ଯେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଜମି ଓ ଜନସାଧାରଣଙ୍କୁ ସୁରକ୍ଷା ଦେଇପାରୁ ନାହାନ୍ତି । ଓଡ଼ିଆ ଅସ୍ମିତା ନାରେ ଆସିଥିବା ସରକାର ଓଡ଼ିଶାର ବହୁ ବଡ଼ ବଡ଼ ପ୍ରସଙ୍ଗ ଯଥା ପୋଲାବରମ, ଇଷ୍ଟକୋଷ୍ଟ ରେଲୱେ, ଏମଏମଡିଆର ପ୍ରସଙ୍ଗ ଉପରେ ସରକାର ଦଳର ବିଧାୟକ, ନେତା ଏବଂ ସାଂସଦମାନେ ସଂପୂର୍ଣ୍ଣ ଚୁପ । ଆନ୍ଧ୍ରକୁ ଓଡ଼ିଶା ସରକାର କାହିଁକି ଏତେ ଡରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଦାସ କୋଟିଆ ପ୍ରସଙ୍ଗରେ କୋଟିଆ ପ୍ରସଙ୍ଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ହସ୍ତକ୍ଷେପ କରିବାପାଇଁ କହିବା ପରେ ମଧ୍ୟ ଏହାକୁ ସରକାର ସଂପୂର୍ଣ୍ଣ ରୂପେ ଏଡ଼ାଇ ଦେଇଛନ୍ତି । ଶନିବାର ଅପରାହ୍ନରେ କଂଗ୍ରେସ ନେତାମାନେ କୋଟିଆ ଗସ୍ତ କରୁଛନ୍ତି ବୋଲି ସେ ସୂଚନା ଦେଇଥିଲେ।

ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ସାମ୍ବାଦିକ ମାନଙ୍କୁ କହିଲେ ଯେ ୧୯୩୬ ମସିହାରେ ଓଡ଼ିଶା ଭାରତ ବର୍ଷର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବରେ ସୃଷ୍ଟି ହେଲା । ଏହା ପୂର୍ବରୁ କୋଟିଆ ଅଞ୍ଚଳ ଜୟପୁର ଇଷ୍ଟେଟ ଅଧିନରେ ଥିଲା । ସ୍ୱାଧୀନତା ପ୍ରାପ୍ତି ପରେ ଏହି ଅଞ୍ଚଳ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ରୂପେ ପରିଗଣିତ ହେଲା । କିନ୍ତୁ ୧୯୫୫ ମସିହାରେ ଆନ୍ଧ୍ରପ୍ରଦେଶ ଏକ ରାଜ୍ୟର ମାନ୍ୟତା ପାଇଲା । ଓଡ଼ିଶାର ୧୯ ବର୍ଷପରେ ଆନ୍ଧ୍ରପ୍ରଦେଶର ଜନ୍ମ। କିନ୍ତୁ ଆନ୍ଧ୍ରପ୍ରଦେଶ ସରକାର କୋଟିଆକୁ ନିଜ ଅଞ୍ଚଳ ରୂପେ ଦାବି କରିବାକୁ ଓଡ଼ିଶା କେବେ ଗ୍ରହଣ କରିନାହିଁ । ଓଡ଼ିଶାର ସରକାର ଆନ୍ଧ୍ରପ୍ରଦେଶର ଏହି ଅନୁପ୍ରବେଶକୁ ବିରୋଧ କରି ୧୯୬୦ ମସିହାରେ ମାନ୍ୟବର ସୁପ୍ରିମକୋର୍ଟରେ ଏହି ଘଟଣାକୁ ନେଇ କେସ ଦାୟର କରିଥିଲେ । ସେହି ଦିନ ଠାରୁ ସୁପ୍ରିମକୋର୍ଟ ଆନ୍ଧ୍ରର ଅନୁପ୍ରବେଶକୁ ରୋକିବାପାଇଁ ଇଞ୍ଜକସନ ଜାରି କରିଥିଲେ । ଆନ୍ଧ୍ରପ୍ରଦେଶର କୋଟିଆ ଅଞ୍ଚଳ ପ୍ରତି ଯେଉଁ ଲୋଲୁପ ଦୃଷ୍ଟି ପଡ଼ିଛି, ତାର ମୁଖ୍ୟ କାରଣ ହେଲା କୋଟିଆ ଅଞ୍ଚଳର ମାଟି ତଳେ ବହୁ ମୂଲ୍ୟବାନ ଖଣିଜ ସମ୍ପଦ ଯଥା ସୁନା, ବକ୍ସାଇଡ, ଗ୍ରାଫାଇଟ, ଚୂନ ପଥର, ମାଙ୍ଗାନିଜ ଏପିରିକି ହୀରା ବହୁ ପରିମାଣରେ ଗଚ୍ଛିତ ରହିଥିବାର ଅନୁସନ୍ଧାନନରୁ ଜଣାପଡ଼ିବା ପରେ ଏହିସବୁ ଖଣିଜ ପଦାର୍ଥକୁ ଲୁଟ କରିବାପାଇଁ ଆନ୍ଧ୍ରପ୍ରଦେଶ ସରକାର ବାରମ୍ବାର କୋଟିଆ ଅଞ୍ଚଳକୁ ଅନୁପ୍ରବେଶ କରି ବିବାଦ ସୃଷ୍ଟି କରୁଛନ୍ତି । ୨୦୨୩ ମସିହାରେ କୋଟିଆ ଅଞ୍ଚଳରର ଅନୁପ୍ରବେଶକୁ ସେତେବେଳେ ରାଜ୍ୟ ବିଜେପିର ବରିଷ୍ଠ ନେତମାନେ ଗସ୍ତକରି ବିରୋଧ କରିଥିଲେ । କିନ୍ତୁ ରାଜ୍ୟରେ ବିଜେପି ସରକାର ହେଲାପରେ କାହିଁକି କୋଟିଆ ପ୍ରସଙ୍ଗକୁ ନେଇ ସରକାର ସଂପୂର୍ଣ୍ଣ ଚୁପ । ଏପରିକି ରାଜ୍ୟରେ ମୁଖ୍ୟମନ୍ତ୍ରୀ ପାଟି ଖୋଲୁ ନାହାନ୍ତି ତାର ମୁଖ୍ୟ କାରଣ ହେଲା ଟିଡିପି ଏନଡିଏ ମେଣ୍ଟର ଏକ ବଡ ଅଂଶୀଦାର । ଟିଡିପି ସହାୟତାରେ କେନ୍ଦ୍ରରେ ମୋଦି ସରକାର ଚାଲିଛି । ଯଦି ଆନ୍ଧ୍ର ସରକାରଙ୍କର କୋଟିଆ ଅନୁପ୍ରବେଶକୁ ଓଡ଼ିଶା ସରକାର ବିରୋଧ କରିବେ ହୁଏତ ଚନ୍ଦ୍ରବାବୁ ନାଇଡୁ ଏନଡିଏ ମେଣ୍ଟରୁ ବାହାରି ଯିବାର ଭୟ ଖୋଦ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଘାରିଛି କି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ନିଜ ରାଜ୍ୟର ନିଜ ଅଞ୍ଚଳ ଚାଲିଯାଉ କିନ୍ତୁ କେନ୍ଦ୍ରରେ ମୋଦି ସରକାର ରହୁ ଏହି ନ୍ୟାୟରେ ମୋହନ ସରକାର ବୋଧହୁଏ ଚୁପ ରହିଛନ୍ତି । ଏହା କ'ଣ ଓଡ଼ିଆ ଅସ୍ମିତା କି ? ଡବଲଇଞ୍ଜିନ ସରକାର ଓଡ଼ିଶାର ସ୍ୱାର୍ଥ ପାଇଁ କାମ କରିବା ପରିବର୍ତ୍ତେ ଓଡ଼ିଶା ସ୍ୱାର୍ଥ ବିରୋଧି କାମ କରୁଛନ୍ତନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ଆମେରିକା ସିନେଟର ଓ ମେୟରଙ୍କ କିଟ୍-କିସ୍ ପରିଦର୍ଶନ



**ଭୁବନେଶ୍ୱର,୨୫।୧୦ (ମହାଭାରତ):** ଆମେରିକାର ୱାଶିଂଟନ ରାଜ୍ୟର ସିନେଟର ତଥା ବିଭିନ୍ନ ସହରର ମେୟରଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଆଜି କିଟ୍ ଓ କିସ୍ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ଏହି ଅବସରରେ କିସରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ୱାଶିଂଟନ ରାଜ୍ୟର ୧୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'କିଟ୍-କିସ୍ ଇଜ୍ ୱାନ୍' (କିଓ) ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୱାଶିଂଟନ୍ ରାଜ୍ୟର ସିନେଟର ଟିନା ଲୁଇସ୍ ଓରୱାଲ୍, କେଣ୍ଟ ସହରର ମେୟର ଦାନା ଲିନ୍ ରାଲ୍‌ଫ, ଟୁକ୍ୱିଲା ମେୟର ଥୋମାସ୍ ୱେନ୍ ମ୍ୟାକ୍ଲିଓଡ୍, ଇସାକ୍ୱାର ମେୟର ମାର୍କ ଡଗ୍ଲାସ୍ ମୁଲେଟ୍, ମୁକିଲ୍‌ଟିଓର ମେୟର ଜୋସେଫ୍ ଡାନିଏଲ୍ ମେରିନ୍, ଡୁପଣ୍ଟର ମେୟର ରୋନାଲ୍ଡ ଜନ୍ ଫ୍ରେଡେରିକ୍, ୟୁନିଭର୍ସିଟି ପ୍ଲେସ୍‌ର ମେୟର ଷ୍ଟାନ୍‌ଲି ଲଳିତ କୁମାର ଫ୍ଲେମିଂ, ସିଟାକ୍‌ର ମେୟର ମହମ୍ମଦ ଅଲି ଇଗାଲ୍, ୟୁନିଭର୍ସିଟି ପ୍ଲେସ୍‌ର କାର୍ଯ୍ୟକାରୀ ମେୟର ଡେନିସ୍ ଟେରେସା ମ୍ୟାକ୍‌କ୍ଲସ୍କି, କେଣ୍ଟ ସହର ପରିଷଦର ସଦସ୍ୟା ଟୋନି ମାରି ଟ୍ରାଉଟନର ପ୍ରମୁଖଙ୍କୁ କିଓ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ସେମାନଙ୍କ ପ୍ରତକ୍ରିୟାରେ ଖୁସି ବ୍ୟକ୍ତି କରି କହିଲେ, କିଟ୍ ଓ କିସ୍ ବୁଲିବା ପରେ ଆମେ ବେଶ ପ୍ରଭାବିତ ହୋଇଛୁ। ଏତେ ସଂଖ୍ୟକ ପିଲାଙ୍କୁ ଆମେ କେବେ ବି ଗୋଟିଏ ସ୍ଥାନରେ ଦେଖି ନଥିଲୁ। କିସ୍ ପିଲାଙ୍କ ଶୃଙ୍ଖଳା ଓ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅତି ପ୍ରଶଂସନୀୟ ବୋଲି ସେମାନେ କହିଥିଲେ। ଇଣ୍ଡିଆ ଟ୍ରେକ୍ କାର୍ଯ୍ୟକ୍ରମରେ ୱାଶିଂଟନ ରାଜ୍ୟରୁ ଏହି ୧୭ଜଣିଆ ପ୍ରତିନିଧିମଣ୍ଡଳୀ ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ଭାରତ ଭ୍ରମଣରେ ଅଛନ୍ତି। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ସ୍ୱାଗତ ଭାଷଣ କରିବା ସହ କିଟ୍ ଓ କିସ୍ ପରିଦର୍ଶନ ପାଇଁ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# କିଓରବେ ଦ୍ୱାରା ସ୍ତନ କର୍କଟ ସଚେତନତା

**ଭୁବନେଶ୍ୱର,୨୫।୧୦ (ମହାଭାରତ):** ଭୁବନେଶ୍ୱର ଟଙ୍କପାଣି ରୋଡରେ କିଓରବେ ଦ୍ୱାରା ପରିଚାଳିତ ଶ୍ରୀ ଉଷା ଡାଏଗ୍ନୋଷ୍ଟିକ୍ସ କୋଠା ଚଳିତ ଅକ୍ଟୋବରରେ ସ୍ତନ କର୍କଟ ସଚେତନତା ମାସ ପାଳନ କରିବାକୁ ଗୋଲାପି ରଙ୍ଗରେ ଶୋଭାପାଉଛି। ଆଦ୍ୟ ରୋଗ ନିରୂପଣ ଜୀବନ ବଞ୍ଚାଇଥାଏ ବୋଲି ଭୁବନେଶ୍ୱର ଜନସାଧାରଣଙ୍କୁ ସ୍ମରଣ କରାଇଦେବାକୁ ଏହି ଆଲୋକୀକରଣ ଏକ ଦୃଶ୍ୟମାନ ସ୍ମାରକ ହୋଇଛି। ଏହି ଅଭିଯାନ ସହିତ ଶ୍ରୀ ଉଷା ଡାଏଗ୍‌ନୋଷ୍ଟିକ୍ସ ସୋନୋମାମ୍ମ ?ଗ୍ରାଫି ଉପରେ ଫ୍ଲାଟ୍ ୧୫% ରିହାତି ପ୍ରଦାନ କରୁଛି, ଯାହା ସମଗ୍ର ସହରରେ ମହିଳାମାନଙ୍କ ନିମନ୍ତେ ସ୍ତନ କର୍କଟ ଯାଞ୍ଚକୁ ଅଧିକ ସୁଲଭ୍ୟ କରୁଛି। ଭାରତରେ ମହିଳାମାନଙ୍କ ମଧ୍ୟରେ ସ୍ତନ କର୍କଟ ସବୁଠାରୁ ସାଧାରଣ ଅଟେ ଏବଂ ଅନେକ କ୍ଷେତ୍ରରେ ଏହା ବିଳମ୍ବିତ ପର୍ଯ୍ୟାୟରେ ନିରୂପଣ କରାଯାଇଥାଏ । ଆଦ୍ୟ ଅବସ୍ଥାରେ ଚିହ୍ନଟ କରାଗଲେ ଏହା ଯଥେଷ୍ଟ ଅଧିକ ଚିକିତ୍ସାଯୋଗ୍ୟ ଏବଂ ବଞ୍ଚିବା ହାର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଥାଏ ।

ଅକ୍ଟୋବର ମାସ ବିଶ୍ୱବ୍ୟାପୀ ସ୍ତନ କର୍କଟ ସଚେତନତା ମାସ ଭାବରେ ପାଳନ କରାଯାଉଛି, ଏବଂ ଏହାର ପ୍ରତୀକ ଗୋଲାପୀ ରଙ୍ଗର ଫିତା ହୋଇଛି । କୋଠାକୁ ଗୋଲାପୀ ରଙ୍ଗର ଆଲୋକରେ ସଜାଇ କିଓରବେ ଦ୍ୱାରା ପରିଚାଳିତ ଶ୍ରୀ ଉଷା ଡାଏଗ୍ନୋଷ୍ଟିକ୍ସ ଶ୍ରୀ ଉଷା ଡାଏଗ୍‌ନୋଷ୍ଟିକ୍ସ ଜନସାଧାରଣଙ୍କ ଘର ଓ କାର୍ଯ୍ୟସ୍ଥଳ ଗୁଡିକରେ ଆତ୍ମ-ପରୀକ୍ଷଣ, ନିୟମିତ ଯାଞ୍ଚ ଏବଂ ସମୟୋଚିତ ଡାକ୍ତରୀ ପରାମର୍ଶ ସମ୍ପର୍କରେ ଆଲୋଚନା ଆରମ୍ଭ କରିବାକୁ ଆଶା ରଖିଛି। ସୋନୋମାମ୍ମଗ୍ରାଫି (ସ୍ତନ ଅଲ୍ଟ୍ରାସାଉଣ୍ଡ) ଏକ ନିରାପଦ, ଯନ୍ତ୍ରଣାବିହୀନ ଏବଂ ବିକିରଣ-ମୁକ୍ତ ଇମେଜିଂ ପରୀକ୍ଷା । ଅନେକ ସମୟରେ ଏହାକୁ ଗଣ୍ଠିଗୁଡିକର ମୂଲ୍ୟାଙ୍କନ କରିବା, ସ୍ତନର ଘନ ତନ୍ତୁକୁ ପରୀକ୍ଷା କରିବା ଏବଂ ମାମ୍ମ ?ଗ୍ରାଫିକୁ ସହାୟକ ହେବା ନିମନ୍ତେ ବ୍ୟବହାର କରାଯାଇଥାଏ ଏବଂ ସାଧାରଣତଃ ଏହା କମ୍ ବୟସର ମହିଳାମାନଙ୍କ ନିମନ୍ତେ ସୁପାରିଶ କରାଯାଏ । ଯେଉଁ ମହିଳା ଏକ ଗଣ୍ଠି ବା ମାଂସ ପିଣ୍ଡୁଳା ଠାବ କରନ୍ତି, ସ୍ତନର ଆକାର ଅଥବା ଚର୍ମରେ ପରିବର୍ତ୍ତନ, ନିପଲ୍ରୁ ଡିସଚାର୍ଜ (ତରଳ ପଦାର୍ଥ ନିର୍ଗତ) ଅଥବା ଲଗାତର ଯନ୍ତ୍ରଣା ଅନୁଭବ କରନ୍ତି ସେମାନେ ଆଗୀ ବିଳମ୍ବ ନକରି ଜଣେ ଡାକ୍ତରଙ୍କ ସହିତ ପରାମର୍ଶ କରବାକୁ ଉତ୍ସାହିତ କରାଯାଉଛି।

# ଅନୁଗୁଳରେ କିସ୍ନା ପକ୍ଷରୁ ସ୍ୱତନ୍ତ୍ର ଶୋ'ରୁମ୍

**ଭୁବନେଶ୍ୱର,୨୫।୧୦ (ମହାଭାରତ):** କିସ୍ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲରୀ ଅନୁଗୁଳରେ ଅବସ୍ଥିତ ବିକ୍ରମପୁରର ଶଙ୍କର ସିନେମା ରୋଡରେ ଏହାର ନବମ ସ୍ୱତନ୍ତ୍ର ସୋ'ରୁମକୁ ଭବ୍ୟ ଭାବେ ଉଦଘାଟନ କରିବା ଲାଗି ଗର୍ବର ସହିତ ଘୋଷଣା କରିଛି । ହରିକୃଷ୍ଣ ଗ୍ରୁପର ପ୍ରତିଷ୍ଠାତା ଶ୍ରୀ ଘନଶ୍ୟାମ ଢୋଲକିଆ ଏହି ଉଦ୍ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଗ୍ରାଣ୍ଡ ଲଂଚକୁ ପାଳନ କରିବା ପାଇଁ, କିସ୍ନା ରୋମାଂଚକର ଅଫର ଆଣିଛି, ଯେଉଁଥିରେ ହୀରା ଏବଂ ସୁନା ଅଳଙ୍କାର ତିଆରି ଚାର୍ଜ ଉପରେ ୧୦୦% ପର୍ଯ୍ୟନ୍ତ ରିହାତି, ମାତ୍ର ୨୫% ଡାଉନ୍ ପେମେଂଟ ସହିତ ଡବଲ୍ ଗୋଲ୍ଡ ରେଟ୍ ପ୍ରୋଟେକ୍ସନ୍ ଅନ୍ତର୍ଭୁକ୍ତ । ଗ୍ରାହକମାନେ ସେମାନଙ୍କର ପୁରୁଣା ସୁନା ବିନିମୟ କରିପାରିବେ ଏବଂ ହୀରା ଅଳଙ୍କାର କିଣିବା ଉପରେ ୧୦୫% ମୂଲ୍ୟର ଲାଭ ଉଠାଇପାରିବେ । ଏହା ବ୍ୟତୀତ, କିସ୍ନା ହୀରା ଅଳଙ୍କାର ଉପରେ ୯୦% ବାଇବ୍ୟାକ୍ ଏବଂ ୯୫% ଏକ୍ସଚେ ପ୍ରଦାନ କରେ। ଏହା ସହିତ ଗ୍ରାଣ୍ଡ ଲକି ଡ୍ରରେ ଅଂଶଗ୍ରହଣ କରିବା ଏବଂ କାର୍ ଏବଂ ସ୍କୁଟର ଜିତିବାର ସୁଯୋଗ ମଧ୍ୟ ପ୍ରଦାନ କରେ। ହରିକ୍ରିଷ୍ଣା ଗ୍ରୁପ୍ର ପ୍ରତିଷ୍ଠାତା ଶ୍ରୀ ଘନଶ୍ୟାମ ଢୋଲକିଆ କହିଛନ୍ତି 'କିସ୍ନାର ସମ୍ପ୍ରସାରଣ ଯାତ୍ରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇ ରହିଛି।

ଅନୁଗୁଳ ରାଜ୍ୟରେ ଆମର ୯ମ ସ୍ୱତନ୍ତ୍ର ଶୋ'ରୁମ୍ ର ଶୁଭାରମ୍ଭ ସମଗ୍ର ଭାରତରେ କିସ୍ନାକୁ ଗ୍ରାହକଙ୍କ ନିକଟତର କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ପାର୍ବଣ ଋତୁରେ, ପ୍ରାକୃତିକ ହୀରା ଅଳଙ୍କାରର କାଳଜୟୀ ଉଜ୍ଜ୍ୱଳତା ସହିତ ପ୍ରତ୍ୟେକ ଉତ୍ସବକୁ ଅଧିକ ସ୍ୱତନ୍ତ୍ର କରିବାକୁ ଆମେ ଲକ୍ଷ୍ୟ ରଖିଛୁ । ଆମର 'ହର ଘର କିସ୍ନା' ଅଭିଯାନ ମାଧ୍ୟମରେ, ଆମେ ହୀରା ଅଳଙ୍କାରକୁ ପ୍ରତ୍ୟେକ ଭାରତୀୟ ପରିବାରରେ ଉପଲବ୍ଧ କରାଇବାକୁ ଇଚ୍ଛା କରୁଛୁ, ଯେଉଁଥିରେ ବିଶ୍ୱାସ, ଗୁଣବତା ଏବଂ କାଳଜୟୀ ଉଜ୍ଜ୍ୱଳତା ରହିଛି।' କିସ୍ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲରିର ସିଇଓ ଶ୍ରୀ ପରାଗ ଶାହା କହିଛନ୍ତି ଯେ ଅନୁଗୁଳରେ ଆମର ନୂତନ ସ୍ୱତନ୍ତ୍ର ଶୋ'ରୁମ୍ ଲଂଚ ହେବା ସହିତ ଆମେ କିସ୍ନାର ବିଭିନ୍ନ ପ୍ରକାରର ହୀରା ଏବଂ ସୁନା ଅଳଙ୍କାରକୁ ଏହି ଅଂଚଳର ଗ୍ରାହକଙ୍କ ନିକଟତର କରିବାକୁ ଅପେକ୍ଷା କରିଛୁ ।

# କର୍କଟ ରୋଗୀଙ୍କ ପୁନର୍ବାସ ଅବଦାନ ପାଇଁ ସ୍ୱେଚ୍ଛାସେବୀ ସଂଗଠନ ସମ୍ମାନିତ

**ଭୁବନେଶ୍ୱର,୨୫।୧୦ (ମହାଭାରତ):** କର୍କଟ ରୋଗୀ ଓ ସେମାନଙ୍କ ପରିବାରକୁ ସହାୟତା ଯୋଗାଇ ଦେବା ସହ ସେମାନଙ୍କ ଥଇଥାନ, ମାନସିକ ଓ ସାମାଜିକ ସହଯୋଗ ଏବଂ ରୋଗୀଙ୍କ କଲ୍ୟାଣ କ୍ଷେତ୍ରରେ ନିଃସ୍ୱାର୍ଥପର ସେବା ପାଇଁ ୪୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନକୁ ସମ୍ମାନିତ କରିଛି ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ। ସୋଆ କ୍ୟାମ୍ପସରେ ଶନିବାର 'ଚାମ୍ପିଅନ୍ସ ଅଫ୍ ହୋପ୍ ୨୦୨୬' କାର୍ଯ୍ୟକ୍ରମରେ କର୍କଟ ରୋଗୀଙ୍କ ପୁନର୍ବାସ ଓ ରୋଗମୁକ୍ତ ଜୀବନ ସଂପର୍କିତ ଏକ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ୪୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ -୧ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ପୁଷ୍ପରାଜ ସାମ'ସିଂହାର, ଆଇଏମ୍ଏସ୍




ଓ ସମ୍ ହସ୍ପିଟାଲ କ୍ୟାମ୍ପସ -୨ର ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ରାଜେଶ କୁମାର ଲେଙ୍କା ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍ସେସ୍‌ର ଡିନ୍ ଡାକ୍ତର ରୁଚି ଭୂୟାଁ ଯୋଗ ଦେଇଥିଲେ। ସୋଆର କର୍ପୋରେଟ୍ ସୋସିଆଲ୍ ରେସପନ୍ସିବିଲିଟି (ସିଏସ୍ଆର୍), ଦକ୍ଷତା ବିକାଶ ଓ ଉଦ୍ୟୋଗ ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ଅଶୋକ କୁମାର ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପ୍ରଫେସର ନନ୍ଦ କର୍କଟ ରୋଗୀ ଓ ସେମାନଙ୍କ ପରିବାରକୁ ସହାୟତା ଯୋଗାଇ ଦେଉଥିବା ସଂଗଠନଗୁଡ଼ିକର ଉଦ୍ୟମକୁ ପ୍ରଶଂସା କରିବା ସହ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏକ ସୁସ୍ଥ, ଯନ୍ତ୍ରଣାମୁକ୍ତ ଓ କର୍କଟ ରୋଗ ସଂପର୍କରେ ସଚେତନ ଭାରତ ଗଠନ ପାଇଁ ସମସ୍ତଙ୍କର ମିଳିତ ପ୍ରୟାସ ଆବଶ୍ୟକ ବୋଲି ସେ କହିଥିଲେ।

ଡାକ୍ତର ସାମ'ସିଂହାର କର୍କଟ ରୋଗର କଠିନ ଯାତ୍ରାରେ ରୋଗୀ ଓ ସେମାନଙ୍କ ପରିବାରକୁ ସହଯୋଗ କରିବାରେ ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକର ଭୂମିକାକୁ ଗୁରୁତ୍ୱ ଦେଇଥିବା ବେଳେ ପ୍ରଫେସର ମିଶ୍ର କର୍କଟ ପ୍ରଭାବିତ ପରିବାରଗୁଡ଼ିକ ମୁହଁରେ ହସ ଫୁଟାଇବା ଓ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଜାଗ୍ରତ କରିବାରେ ସଂଗଠନଗୁଡ଼ିକର ଅବଦାନକୁ ପ୍ରଶଂସା କରିଥିଲେ। ଡାକ୍ତର ଭୂୟାଁ ତମାଖୁ ସେବନ ସହ ଜଡ଼ିତ ମୁଖଗହ୍ୱର କର୍କଟ ସଂପର୍କରେ ଜନସଚେତନତା ବୃଦ୍ଧି କରିବାକୁ ସଂଗଠନଗୁଡ଼ିକୁ ଆହ୍ୱାନ ଦେବା ସହ ଏ କ୍ଷେତ୍ରରେ ଅନୁଷ୍ଠାନ ପକ୍ଷରୁ ସହଯୋଗର ଆଶ୍ୱାସନା ଦେଇଥିଲେ। ଏହି ସମ୍ମିଳନୀରେ ବିଶିଷ୍ଟ ଶିଶୁ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସରୋଜ ପ୍ରସାଦ ପଣ୍ଡା, ଡାକ୍ତର ରାଜଶ୍ରୀ ଏବଂ ରକ୍ତରୋଗ ବିଶେଷଜ୍ଞ ଡାକ୍ତର ପ୍ରିୟଙ୍କା ସାମଲ ଯୋଗ ଦେଇଥିଲେ। କର୍କଟ ରୋଗରେ ପୀଡ଼ିତ ଶିଶୁମାନେ ଅତିଥିମାନଙ୍କ ସହ ମିଶି ଦୀପ ପ୍ରଜ୍ୱଳନ କରିବା ଏହି ଅବସରର ଏକ ଭାବପ୍ରବଣ ମୁହୂର୍ତ ଥିଲା। ଏହା ସାହସ, ଧୈର୍ଯ୍ୟ ଓ ଆଶାର ପ୍ରତୀକ ଥିଲା।

# ଚୀନର ବିସ୍ତାରବାଦି ନୀତି

ବିଶ୍ୱର ଏକ ବୃହତ ଏବଂ ଶକ୍ତିଶାଳି ରାଷ୍ଟ୍ରଭାବେ ପରିଚିତ ଚୀନ (ରିପବ୍ଲିକ ଅଫ ଚାଇନା)ର ସବୁଠାରୁ ଖରାପ ପ୍ରକୃତି ହେଲା ଏହା ସବୁ ବେଳେ ପଡ଼ୋଶୀ ଦେଶର ଭୌଗଳିକ ସୀମା ଉପରେ ନଜର ପକାଇଥାଏ। ବିସ୍ତାରବାଦ ହେଉଛି ଏହାର ରାଷ୍ଟ୍ରୀୟ ନୀତି। ତାଇୱାନଠାରୁ ଆରମ୍ଭ କରି ହଂକଂ ଓ ଭାରତ ପର୍ଯ୍ୟନ୍ତ ସବୁଠି ଚୀନ ନିଜ ଆଧିପତ୍ୟ ବିସ୍ତାର ଏବଂ ଅନ୍ୟର ଭୂଭାଗକୁ ଦଖଲ କରିବା ପାଇଁ ଉଦ୍ୟମ କରି ଆସୁଛି। ଷାଠିଏ ଦଶକରେ ଚୀନ ଭାରତର ଏକ ବଡ଼ ଭୂଭାଗ ଦଖଲ କରି ନେଇଛି। ତିବ୍ଦତକୁ ଏହା ନିଜର ବାହୁ ବଳରେ ଅକ୍ତିଆର କରିଛି। ନେପାଳର ଏକ ବଡ଼ ଅଂଶକୁ ମଧ୍ୟ ଚୀନ ଅକ୍ତିଆର କରିଛି। ଦକ୍ଷିଣ ଚୀନ ସାଗରକୁ ଚୀନ ଏକଚାଟିଆ ଭାବେ ନିଜ ଅଞ୍ଚଳ ବୋଲି ଦାବି କରୁଛି ଏବଂ ଏଠାରେ ଉତ୍ତେଜନାର କାରଣ ହୋଇଛି। ଇଣ୍ଡୋନେସିଆ ସହ ମଧ୍ୟ ଏହାର ବିବାଦ ଲାଗି ରହିଛି। ପାକିସ୍ତାନ ଚୀନର ଏହି ଦୁଷ୍ଟ ଚରିତ୍ର ସମ୍ପର୍କରେ ଅବଗତ ଥାଇ ମଧ୍ୟ କେବଳ ଭାରତକୁ ବିପଦରେ ପକାଇବା ପାଇଁ ଏହା ସହିତ ହାତ ମିଳାଇଛି। କେବଳ ସେତିକି ନୁହେଁ, ନିଜ ଭୌଗଳିକ ସୀମାକୁ ଲାଗି ନଥିବା ଅନ୍ୟ ଦେଶକୁ ମଧ୍ୟ ଚୀନ କରାୟତ କରିବାକୁ ରୀତିମତ ପ୍ରୟାସ କରୁଛି। ଶ୍ରୀଲଙ୍କା, ନେପାଳ, ଭୁଟାନ,ପାକିସ୍ତାନ ଓ ବାଂଲାଦେଶ ଭଳି ଦେଶକୁ ଋଣ ଜାଲରେ ଛନ୍ଦି ଚୀନ ଏସବୁ ଦେଶକୁ ନିଜ ଅକ୍ତିଆରରେ ରଖିବାକୁ ଏବଂ ଏସବୁ ଦେଶର ପ୍ରାକୃତିକ ସମ୍ପଦ ହଡ଼ପ କରିବା ତଥା ଏହାର ଭୂଭାଗକୁ ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରିବା ହେଉଛି ଚୀନର ଉଦ୍ଦେଶ୍ୟ। ଅତୀତରେ ବ୍ରିଟେନ ଏବଂ ଅନ୍ୟ ୟୁରୋପୀୟ ରାଷ୍ଟ୍ରମାନେ ଯେପରି ବାଣିଜ୍ୟ କରିବାର ଛଳନା କରି ଅନ୍ୟ ଦେଶକୁ ନିଜ ଉପନିବେଶ କରି ରଖିଥିଲେ, ଏବେ ଚୀନ ସେପରି କରିବାକୁ ପ୍ରୟାସ କରୁଛି। ଫଳରେ ସମଗ୍ର ଦକ୍ଷିଣ ଏସିଆରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ସାରା ବିଶ୍ୱରେ ଯଦି ଆଜି ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଛି ତେବେ ଏହାର କାରଣ ହେଲା ଚୀନ। କମ୍ୟୁନିଷ୍ଟ ଚୀନ ଏକଛତ୍ରବାଦ ନୀତିରେ ପରିଚାଳିତ। ତେଣୁ ହିଟଲରଙ୍କ ପରି ଚୀନ ସାରା ବିଶ୍ୱକୁ କବଳିତ କରିବାକୁ ପ୍ରୟାସ କରୁଛି। ଭାରତ ସହ ଚୀନର ସୀମା ବିବାଦ ବହୁ ପୁରୁଣା। ଚୀନ ସୀମାକୁ ଲାଗିଥିବା ସିକିମ, ହିମାଚଳ ପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ଜାମ୍ମୁ-କାଶ୍ମୀରର ଅନେକ ଅଞ୍ଚଳକୁ ଚୀନ ଦଖଲ କରିବା ପରେ ମଧ୍ୟ ଏହାର ଲୋଭ ଯାଉନି। ଏଥିପାଇଁ ପୂର୍ବ ଲଦାଖରେ କିଛି ବର୍ଷ ତଳେ ଭାରତ ଓ ଚୀନ ସେନା ମୁହାଁମୁହିଁ ହୋଇଥିଲେ। ମଝିରେ ମଝିରେ ଚୀନ ସେନା ଭାରତୀୟ ଅଞ୍ଚଳ ଭିତରକୁ ଅନୁପ୍ରବେଶ କରି ଅଶାନ୍ତି ସୃଷ୍ଟି କରୁଛି। ଉଭୟ ପକ୍ଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ଏହା ଏକ ନିୟମିତ ଘଟଣାରେ ପରିଣତ ହୋଇଗଲାଣି। ଗତ ବର୍ଷ ଚୀନ ସେନା ଅରୁଣାଚଳ ପ୍ରଦେଶର ତୱାଙ୍ଗ ସେକ୍ଟରରେ ଅନୁପ୍ରବେଶ କରିଥିଲା। ପରେ ଉଭୟ ପକ୍ଷ ମଧ୍ୟରେ କମାଣ୍ଡର ସ୍ତରୀୟ ବୈଠକ ହୋଇ ସମସ୍ୟାର ସମାଧାନ ହେଲା ଏବଂ ଚୀନ ସେନା ପଛକୁ ହଟିଲା। ଡୋକଲାମକୁ ଦଖଲ କରିବା ପାଇଁ ଚୀନ ବହୁ ବର୍ଷ ହେବ ଉଦ୍ୟମ କରିଆସୁଛି। ଏଥିପାଇଁ ସୀମା ଆରପଟେ ଚୀନ ପକ୍ଷରୁ ଭିତ୍ତିଭୂମି ବିକାଶ କରାଯାଉଛି। ସବୁଠାରୁ ବଡ଼ କଥା ହେଲା ଚୀନ ସବୁ ବେଳେ ଭାରତର ଅରୁଣାଚଳ ପ୍ରଦେଶକୁ ସମ୍ପୂର୍ଣ୍ଣ ଭାବେ ନିଜର ବୋଲି ଦାବି କରି ଆସୁଛି। ଏପରିକି ନିଜ ମାନଚିତ୍ରରେ ଚୀନ ଅରୁଣାଚଳ ପ୍ରଦେଶକୁ ନିଜର ଏକ ଅଞ୍ଚଳ ଭାବେ ଚିତ୍ରଣ କରୁଛି। ନିକଟରେ ଚୀନ ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳର ନାମ ପରିବର୍ତ୍ତନ କରି ଏହାକୁ ଦକ୍ଷିଣ ତିବ୍ଦତ ଭାବେ ନାମିତ କରିଛି। ଭାରତ ଚୀନର ଏହି ଦାବିକୁ ଅଗ୍ରାହ୍ୟ କରିଛି। ଅରୁଣାଚଳ ପ୍ରଦେଶ ଭାରତର ଏକ ରାଜ୍ୟ। ଅରୁଣାଚଳ ପ୍ରଦେଶବାସୀ ଭାରତୀୟ ସମ୍ବିଧାନ ପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରିଆସୁଛନ୍ତି। ଭାରତର ଆଇନ କାନୁନ ଏଠାରେ କାର୍ଯ୍ୟକାରୀ ହୋଇ ଆସୁଛି। ଦେଶର ଅନ୍ୟାନ୍ୟ ରାଜ୍ୟ ଭଳି ଅରୁଣାଚଳ ପ୍ରଦେଶରେ ନିୟମିତ ନିର୍ବାଚନ ହେଉଛି ଏବଂ ଲୋକେ ଏଥିରେ ବହୁ ସଂଖ୍ୟାରେ ସାମିଲ ହୋଇ ଭୋଟ ଦାନ କରୁଛନ୍ତି। ଅରୁଣାଚଳ ପ୍ରଦେଶରୁ ଲୋକସଭାକୁ ଦୁଇଜଣ ନିର୍ବାଚିତ ହୁଅନ୍ତି। ରାଜ୍ୟରେ ଏକ ନିର୍ବାଚିତ ସରକାର ମଧ୍ୟ ଚାଲିଛି।

# ଝାଡ଼ଖଣ୍ଡ ସରକାରଙ୍କ ଓଡ଼ିଆ ମାରଣ ନୀତି

> “ ଏକଦା ଓଡ଼ିଆ ଝାଡ଼ଖଣ୍ଡର ଦ୍ୱିତୀୟ ସରକାରୀ ଭାଷା ଥିଲା। ରାଜନୈତିକ ଚକ୍ରାନ୍ତ କରି ତାହାକୁ ହଟାଇ ଦିଆଯାଇ ବାଂଲାକୁ ସେଠାରେ ଏବେ ଦ୍ୱିତୀୟ ସରକାରୀ ଭାଷାର ମର୍ଯ୍ୟାଦା ଦିଆଯାଇଛି। ବଙ୍ଗାଳୀ ଭାଷାଭାଷୀଙ୍କ ସଂଖ୍ୟା ଦୃଷ୍ଟିରୁ ବାଂଲାକୁ ସରକାରୀ ଭାଷାର ମାନ୍ୟତା ଦେବାରେ କିଛି ଅସୁବିଧା ନାହିଁ। କିନ୍ତୁ ଜନସଂଖ୍ୟା ଆଧାରରେ ଓଡ଼ିଆକୁ ଏହି ମର୍ଯ୍ୟାଦାରୁ ବଞ୍ଚିତ କରିବାର ଯଥାର୍ଥତା ବୁଝି ହେଉନାହିଁ।

**॥ ବାଦଲ ଭୂୟାଁ ॥**

ଝାଡ଼ଖଣ୍ଡର ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମରୁ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ହଟାଇ ଜାତୀୟ ଶିକ୍ଷା ପରିଷଦ ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛି, ତାହା ଅଭିସନ୍ଧିମୂଳକ ଓ ନିନ୍ଦନୀୟ। ଏହି ବିଜ୍ଞପ୍ତିରେ ସଂସ୍କୃତ, ବାଂଲା, ଉର୍ଦ୍ଦୁ, ହୋ, ନାଗପୁରୀ, ମୁଣ୍ଡାରୀ, ଖଡ଼ିଆ, ସାନ୍ତାଳୀ ଓ କୁଦମାଳି ଆଦି ଭାଷା ସ୍ଥାନ ପାଇଥିବାବେଳେ ଓଡ଼ିଆ ଭାଷାକୁ ରହସ୍ୟଜନକ ଭାବେ ବାଦ ଦିଆଯାଇଛି। ଓଡ଼ିଆ ସ୍ଥାନରେ ହିନ୍ଦୀକୁ ପ୍ରଚଳନ କରାଯିବାର ପ୍ରୟାସ ଏହା ମାଧ୍ୟମରେ ରୀତିମତ ହୋଇଥିବାବେଳେ ଓଡ଼ିଶାର ଏହି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ମାରଣ ଷଡ଼ଯନ୍ତ୍ରର ଆଉ ଏକ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏବେ ପ୍ରାଥମିକସ୍ତରରେ ତାଲିମପ୍ରାପ୍ତ ଓଡ଼ିଆ ଶିକ୍ଷକଙ୍କ ଅଭାବରୁ ପୂର୍ବ ଓ ପଶ୍ଚିମ ସିଂହଭୂମ ଷଢ଼େଇକଳା, ଖରସୁଆଁ ଜିଲ୍ଲାରେ ଆଉ ଓଡ଼ିଆ ପିଲାଏ ନିଜ ମାତୃଭାଷାରେ ପାଠ ପଢ଼ିବାର ସୁଯୋଗ ପାଇବେ ନାହିଁ। ଏହି ତିନିଟି ସୀମାନ୍ତ ଜିଲ୍ଲାରେ ବହୁ ଓଡ଼ିଆ ବସବାସ କରନ୍ତି। ତିନି ଜିଲ୍ଲାରୁ ମୋଟ ଜନସଂଖ୍ୟାର ୩୩.୪୯ ପ୍ରତିଶତ ଓଡ଼ିଆ ବୋଲି ୨୦୧୧ ଜନଗଣନାରୁ ଜଣାପଡ଼େ। ସେଥିରୁ ସର୍ବାଧିକ ପ୍ରାୟ ୧୯ ଶତାଂଶ ପଶ୍ଚିମ ସିଂହଭୂମ ଜିଲ୍ଲାରେ ବସବାସ କରନ୍ତି। ଆହୁରି ମଧ୍ୟ ଷଢ଼େଇକଳା ଖରସୁଆଁ ଜିଲ୍ଲାର ପଶ୍ଚିମାଞ୍ଚଳରେ ଓଡ଼ିଆ ମୁଖ୍ୟ ଭାଷା। ପୂର୍ବ ସିଂହଭୂମରେ ପ୍ରାୟ ୧୦ ଭାଗ ଲୋକଙ୍କ ମାତୃଭାଷା ଓଡ଼ିଆ ହୋଇଥିବାବେଳେ ପଶ୍ଚିମ ସିଂହଭୂମରେ ଏହି ସଂଖ୍ୟା ଛ'ଶତାଂଶ ଉପରେ। ଏବେ ତାଲିମପ୍ରାପ୍ତ ଶିକ୍ଷକଙ୍କ ଅଭାବରୁ ଓଡ଼ିଆ ପିଲାମାନେ ନିଜ ମାତୃଭାଷାରେ ପଢ଼ିବାର ସୁଯୋଗ ପାଇବେ ନାହିଁ ଏବଂ ସେମାନେ ହିନ୍ଦୀ କିମ୍ବା ଅନ୍ୟ ଭାଷା ପଢ଼ିବାକୁ ବାଧ୍ୟ ହେବେ। ଶିକ୍ଷାନୀତି ଅନୁସାରେ ବିଚ୍ଛିନ୍ନାଞ୍ଚଳରେ ବିଶେଷକରି ଗୋଟିଏ ରାଜ୍ୟର ଭାଷାଗତ ସଂଖ୍ୟାଲଘୁଙ୍କୁ ମାତୃଭାଷାରେ ଶିକ୍ଷାଲାଭର ସୁଯୋଗ ଦେବାକୁ ସପ୍ତମ ବିଷୟର ବ୍ୟବସ୍ଥା ରହିଛି। ଏହି ପଦକ୍ଷେପ ମଧ୍ୟ ନୂଆ ଜାତୀୟ ଶିକ୍ଷାନୀତି ୨୦୨୦ର ବିରୋଧାଚରଣ କରୁଛି।

ଝାରଖଣ୍ଡର ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ମାନଙ୍କରେ ଓଡ଼ିଆ ଭାଷା ଉଚ୍ଛେଦକୁ ଏଠାରେ ଅବସ୍ଥାନ କରୁଥିବା ଓଡ଼ିଆମାନେ ତୀବ୍ର ବିରୋଧ କରିଛନ୍ତି। ଝାରଖଣ୍ଡ ରାଜ୍ୟର ତିନୋଟି ଜିଲ୍ଲା ଷଢ଼େଇକଳା-ଖରସୁଆଁ, ପୂର୍ବ-ସିଂହଭୂମ ଓ ପଶ୍ଚିମ-ସିଂହଭୂମରେ ଅବସ୍ଥାନ କରୁଥିବା ଓଡ଼ିଆମାନେ ଓ ତା'ସହିତ ରାଜ୍ୟର ଅନ୍ୟ ଅଞ୍ଚଳ ବୋକାରୋ, ରାଞ୍ଚି, ଧାନବାଦ, ସିମଡ଼େଗା, ଗୁମଲା, ରାମଗଡ଼, ହଜାରିବାଗ ଠାରେ ଅବସ୍ଥାନ କରୁଥିବା ଓଡ଼ିଆମାନେ ଝାରଖଣ୍ଡ ସରକାରଙ୍କ ଓଡ଼ିଆ ମାନଙ୍କ ପ୍ରତି ଥିବା ବୈମାତୃକ ଭାବକୁ ଘୋର ନିନ୍ଦା କରି ରାଜ୍ୟର ବିଭିନ୍ନ ଯାଗାରେ ପ୍ରତିବାଦ ସଭାମାନ କରି ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜାମସେଦପୁରରେ ଥିବା ଉତ୍କଳ ଆସୋସିଏସନ, ଗୋଲମୁରୀ ଉତ୍କଳ ସମାଜ, କଦମାର ଉତ୍କଳ ବାନ୍ଧବ ସମିତି, ମନୋହରପୁର, ଗୋୟଲକେରା, ସୋନୁଆ, ଟୁପିଆ, କୁଲା, ଷଢ଼େଇକଳା, ବାରୀଳ, ମଦାଙ୍ଗଜାହିର, ଶଶୀକଳା, ଭାଲୁରଙ୍ଗୀ, ନିଶ୍ଚିନ୍ତପୁର, କେରା, ଖରସୁଆଁ, ଚାଇଁବସା, ରାଜନଗର, ହେସଲ, ହାତୀ, ହଳଦୀପୋଖରୀ, ଯାଦୁଗୋଡ଼ା, ରାଖାମାଇନ, ମଉଭଣ୍ଡାର, ଘାଟିସିଲା, ମହଳାଗୋଡ଼ା, ଆଦିତ୍ୟପୁରରେ ସାଲଦି, ବାଡୁବାଦ, ଚକ୍ରଧରପୁର, ଜାମଦା, ଜୟନ୍ତଗଡ଼, ମଝିଗାଁ, ଖିରି, ବାନା, ଶମହାରିଆ ଆଦି ଅଞ୍ଚଳରେ ଓଡ଼ିଆ ଶିକ୍ଷକ, ଅଧ୍ୟାପକ, ଡାକ୍ତର, ଓକିଲ ଓ ସମାଜସେବୀମାନେ ଯୋଗ ଦେଇ ସରକାରଙ୍କ ଓଡ଼ିଆ ମାରଣ ଆଭିମୁଖ୍ୟକୁ ଘୋର ବିରୋଧ କରିଛନ୍ତି। ଏହି ସଭା ମାନଙ୍କରେ ଯୋଗ ଦେଇଥିବା ବକ୍ତାମାନେ ନିଜ ନିଜର ବକ୍ତବ୍ୟରେ କହିଲେ ଯେ ଷଢ଼େଇକଳା-ଖରସୁଆଁ ଜିଲ୍ଲାରେ ଓଡ଼ିଆ ମାନଙ୍କ ସଂଖ୍ୟା ପ୍ରାୟ ୬୦% ହେବ, ପଶ୍ଚିମ-ସିଂହଭୂମରେ ପ୍ରାୟ ୭୦% ହେବ, ପୂର୍ବ-ସିଂହଭୂମରେ ପ୍ରାୟ ୪୦% ହେବ କିନ୍ତୁ ଓଡ଼ିଆ ମାନଙ୍କ ସଂଖ୍ୟାକୁ ଜନସଂଖ୍ୟା ତାଲିକାରେ ଅଳ୍ପ ଦର୍ଶାଯାଇଛି। ଅନେକ ଦିନୁ ଜନସଂଖ୍ୟା ଗଣନା ମଧ୍ୟ ହୋଇନାହିଁ ବିଭିନ୍ନ କମ୍ପାନୀ ମାନଙ୍କରେ ଓଡ଼ିଆ ଭାଷୀମାନଙ୍କୁ ଅଗ୍ରାଧିକାର ଦେବାର ମଧ୍ୟ ଚୁକ୍ତି ହୋଇଥିବାର ବକ୍ତାଗଣ କହିଥିଲେ। ଷଢ଼େଇକଳା, ଖରସୁଆଁ, ଧଲଭମଗଡ଼, କେରା ଆଦି ଅଞ୍ଚଳର ରାଜା ମାନଙ୍କ ଅଧିନରେ ଥିବା ଜମିଜମା ଓ କୋର୍ଟ କଚେରୀର କାମ ଓ ମାମଲାର ଶୁଣାଣି ଓଡ଼ିଆ ଭାଷାରେ ହେଉଥିଲେ ଓ ଓଡ଼ିଆ ମାନଙ୍କର ଏ ଅଞ୍ଚଳରେ ସଂଖ୍ୟା ବହୂଳତାକୁ ଦର୍ଶାଏ। ଏଇ କିଛି ଦିନ ତଳେ ଜାମସେଦପୁରର ଉତ୍କଳ ଆସୋସିଏସନ ଠାରେ ଏକ ପ୍ରତିବାଦ ସଭା ଓ ଏହି ବିଷୟରେ ବିହିତ ପଦକ୍ଷେପ ନେବାର ସଭାରେ ସମସ୍ତ ବକ୍ତା ସରକାରଙ୍କ ପଦକ୍ଷେପ ନିନ୍ଦନୀୟ ବୋଲି କହିଥିଲେ। ଏ ସଭାରେ ଝାରଖଣ୍ଡର ପୂର୍ବ ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତର ଦିନେଶ କୁମାର ଷଡ଼ଙ୍ଗୀ, ବରିଷ୍ଠ ଓକିଲ ମନୋରଞ୍ଜନ ଦାଶ, ଉତ୍କଳ ଆସୋସିଏସନର ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ବରିଷ୍ଠ ଉପସଭାପତି ସଞ୍ଜୀବ ପାତ୍ର, ଉପସଭାପତି ବାଦଲ ଭୂୟାଁ, ସାଧାରଣ ସମ୍ପାଦକ ତରୁଣ କୁମାର ମହାନ୍ତି, ଉପ ସଚିବ ବିଭୂତି ଭୂଷଣ ମହାନ୍ତି, କୋଷାଧ୍ୟକ୍ଷ ମନୀଷ ଦାଶ, ପ୍ରାଧ୍ୟାପକ ମନୋଜ ମହାପାତ୍ର, ଷଢ଼େଇକଳା ନଗର ପଞ୍ଚାୟତ ସଭାନେତ୍ରୀ ମିନାକ୍ଷୀ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ କାର୍ତ୍ତିକ ପରିଚ୍ଛା, ପ୍ରଶାନ୍ତ ମହାନ୍ତି, ଅଜିତ ରାଉତ, ପୀତବାସ ପ୍ରଧାନ, ଖରସୁଆଁରୁ ନନ୍ଦୁ ପାଣ୍ଡେ, ଅଶୋକ ସାମନ୍ତ, ପବିତ୍ର ଜେନା, ସୌମେନ୍ଦ୍ର ଭୂୟାଁ, ମନୋରଞ୍ଜନ ଗୌଡ଼, ସସ୍ମିତା ପାତ୍ର, ପ୍ରଦୀପ କୁମାର ଜେନା, ଅଶୋକ କୁମାର ମହାପାତ୍ର, ପ୍ରତିଭା ମହାନ୍ତି, ପ୍ରଫେସର ସୁନୀଲ ଷଡ଼ଙ୍ଗୀ, ସରମିଷ୍ଠା ଷଡ଼ଙ୍ଗୀ, ଅଭିମନ୍ୟୁ ଚୌଧୁରୀ, ମନୋଜ ସାହୁ, ମନୋରଞ୍ଜନ ପଶାୟତ, ମନୋରଞ୍ଜନ ସ୍ୱାଇଁ, କନକଲତା ସ୍ୱାଇଁ ପ୍ରମୁଖ ବକ୍ତାଗଣ ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏଠାରେ ପ୍ରକାଶ ଥାଉ କି ଉତ୍କଳ ସମ୍ମିଳନୀ ମାଧ୍ୟମରେ ଏଠାରେ ସମସ୍ତ ବିଦ୍ୟାଳୟକୁ ଓଡ଼ିଶା ସରକାର ପାଠ୍ୟପୁସ୍ତକ ମାଗଣାରେ ଦେଉଛନ୍ତି। ୧୪୪ଟି ସ୍କୁଲରେ ୧୬୦ଜଣ ଶିକ୍ଷକ ଉତ୍କଳ ସମ୍ମିଳନୀଙ୍କ ଦ୍ୱାରା ନିୟୋଜିତ ହୋଇଛନ୍ତି। ମାସିକ ମାନ ଦେୟ ୩ ହଜାର ଟଙ୍କାରେ ଶିକ୍ଷକ ମାନଙ୍କୁ ଦରମା ଦିଆଯାଏ। ସେ ଟଙ୍କା ୨୨ ମାସ ହେଲା ମିଳିନାହିଁ ବୋଲି ଶିକ୍ଷକ ଶିକ୍ଷୟିତ୍ରୀମାନେ କୋହଭରା କଣ୍ଠରେ ଏ ଲେଖକୁ କହିଛନ୍ତି। ଆଗରୁ ଛାତ୍ରବୃତ୍ତି ମିଳୁଥିଲା ତାହା ଏବେ ବନ୍ଦ। ଓଡ଼ିଶା ସରକାର ଏହା ଉପରେ ବିଚାର କଲେ ଏଠାକାର ଓଡ଼ିଆ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୁଅନ୍ତା ବୋଲି ବକ୍ତାଗଣ କହିଲେ। ଚାଇଁବସାର ଜଗତ କିଶୋର ସାମଲ, ପ୍ରଦୀପ ଦାସ, ରୋହିତ କୁମାର ସାହୁ, ବିଷ୍ଣୁପଦ ସିଂହଦେଓ, ମାଧବ ଶତପଥୀ, ଅଶୋକ ଷଡ଼ଙ୍ଗୀ, ସୁମନ୍ତ ମହାନ୍ତି, ସୁଶୀଲ ଷଡ଼ଙ୍ଗୀ, ସତ୍ୟପ୍ରକାଶ କର, ଦୀପକ ସିଂହଦେବ, ସରୋଜ ପ୍ରଧାନ, ପ୍ରଫେସର ନାଗେଶ୍ୱର ପ୍ରଧାନ, ରାଜୀବ ସିଂହଦେବ, କାମାକ୍ଷା ସିଂହଦେବ, ପୂର୍ଣ୍ଣେନ୍ଦୁ ନନ୍ଦ ଓ ବିଦ୍ୟାନାଥ ପ୍ରମୁଖ ସିଂହଭୂମର ବିଭିନ୍ନ ଅଞ୍ଚଳରେ ସରକାରଙ୍କ ଓଡ଼ିଆ ମାରଣ ନୀତିକୁ ବିରୋଧ କରି ପ୍ରତିବାଦ ସଭାମାନ କରୁଛନ୍ତି।

ଏକଦା ଓଡ଼ିଆ ଝାଡ଼ଖଣ୍ଡର ଦ୍ୱିତୀୟ ସରକାରୀ ଭାଷା ଥିଲା। ରାଜନୈତିକ ଚକ୍ରାନ୍ତ କରି ତାହାକୁ ହଟାଇ ଦିଆଯାଇ ବାଂଲାକୁ ସେଠାରେ ଏବେ ଦ୍ୱିତୀୟ ସରକାରୀ ଭାଷାର ମର୍ଯ୍ୟାଦା ଦିଆଯାଇଛି। ବଙ୍ଗାଳୀ ଭାଷାଭାଷୀଙ୍କ ସଂଖ୍ୟା ଦୃଷ୍ଟିରୁ ବାଂଲାକୁ ସରକାରୀ ଭାଷାର ମାନ୍ୟତା ଦେବାରେ କିଛି ଅସୁବିଧା ନାହିଁ। କିନ୍ତୁ ଜନସଂଖ୍ୟା ଆଧାରରେ ଓଡ଼ିଆକୁ ଏହି ମର୍ଯ୍ୟାଦାରୁ ବଞ୍ଚିତ କରିବାର ଯଥାର୍ଥତା ବୁଝି ହେଉନାହିଁ। ଝାଡ଼ଖଣ୍ଡର ୨୪ ଜିଲ୍ଲା ମଧ୍ୟରୁ ୧୦ଟିରେ ଓଡ଼ିଆ ଭାଷାଭାଷୀ ଲୋକ ବହୁ ସଂଖ୍ୟାରେ ବସବାସ କରନ୍ତି ଏବଂ ଚକ୍ରଧରପୁର, ଆଦିତ୍ୟପୁର, ଜାମସେଦପୁର, ଚାଇବସା, ଜଗନ୍ନାଥପୁର, ଧଳଭୂମ, ପୁରୁଣାବସ୍ତି, ବାହାଡ଼ାଗୋଡ଼ା ଆଦି ସହରାଞ୍ଚଳରେ ଏମାନଙ୍କ ସଂଖ୍ୟା ବହୁ ଅଧିକ। ଭାଷାଭିତ୍ତିକ ସଂଖ୍ୟାଲଘୁଙ୍କର ନିଜ ମାତୃଭାଷାରେ ପାଠ ପଢ଼ିବା ଏକ ସାମ୍ବିଧାନିକ ଅଧିକାର। ଏହା ଜାଣି ସୁଦ୍ଧା ଏନସିଟିଇ କିପରି ଏଭଳି ଅବିବେକୀ କାର୍ଯ୍ୟକଳା ତାହାର ଉତ୍ତର ଲୋଡ଼ା। ଏହି ଘଟଣାରେ ଝାଡ଼ଖଣ୍ଡର ଓଡ଼ିଆ ସଂଗଠନ ଓ ଭାଷା ସୁରକ୍ଷା ସଂସ୍ଥାମାନ ପ୍ରତିବାଦ କରିବା ସ୍ୱାଭାବିକ। ଓଡ଼ିଆ ଭାଷା ବିଚାରମଞ୍ଚର ଏ ସଂକ୍ରାନ୍ତ ଉଦ୍ୟମ ନିଶ୍ଚିତ ସ୍ୱାଗତଯୋଗ୍ୟ। ଗୋଟେ ସମୟ ଥିଲା, ଏହି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାକୁ ଉତ୍କଳମଣି ଗୋପବନ୍ଧୁ ଦାସ ଓ ତାଙ୍କର ସହକର୍ମୀମାନେ ନାହିଁ ନଥିବା ଉଦ୍ୟମ କରିଥିଲେ। ସେଠାରେ ଓଡ଼ିଆ ସ୍କୁଲ ପ୍ରତିଷ୍ଠା କରିବା ସହିତ ଓଡ଼ିଆଙ୍କ ଅଧିକାର ପାଇଁ ଲଢ଼ିଥିଲେ। ଓଡ଼ିଶା ସରକାର ମଧ୍ୟ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ ନାନାବିଧ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି। ଓଡ଼ିଆ ବହି ଯୋଗାଣ ସହ ଓଡ଼ିଆ ଶିକ୍ଷକ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯାଉଛି। ଏହାସତ୍ତ୍ୱେ ସେଠାରେ ଓଡ଼ିଶା ଶିକ୍ଷକଙ୍କୁ ତାଲିମରୁ ବଞ୍ଚିତ କରିବା ପ୍ରୟାସ ଅଭିସନ୍ଧିମୂଳକ ଏବଂ ଅତ୍ୟନ୍ତ ନିନ୍ଦନୀୟ। ଏହି ପ୍ରସଙ୍ଗରେ ସେଠାକାର ଓଡ଼ିଆ ସଂଗଠନମାନ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିବା ଯୁକ୍ତିଯୁକ୍ତ ମନେହୁଏ। ଓଡ଼ିଶା ସରକାର ମଧ୍ୟ ଏନସିଟିଇ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଦାବୀ ଉପସ୍ଥାପନ୍ କରିବା ଆବଶ୍ୟକ। ଏନସିଟିଇ ଏକ ସାମ୍ବିଧାନିକ ସଂସ୍ଥା ଏବଂ ଭାରତ ସରକାର ଏହାକୁ ୧୯୯୩ରେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଆଇନ ଅନୁସାରେ ଗଠନ କରିଛନ୍ତି। ଏହାର କାମ ହେଲା ପ୍ରାଥମିକ ଶିକ୍ଷକଙ୍କ ତାଲିମ ଓ ପ୍ରଶିକ୍ଷଣ ସମ୍ପର୍କରେ ନୀତି ନିର୍ଦ୍ଧାରଣ କରିବା ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା। ଭାରତ ସରକାରଙ୍କ ସ୍କୁଲ ଶିକ୍ଷା କ୍ଷେତ୍ରରେ ଏହା କାମ କରୁଛି। ଏହାର ବିଭିନ୍ନ କାର୍ଯ୍ୟ ମଧ୍ୟରୁ ସମସ୍ତଙ୍କୁ ଶିକ୍ଷା ଅଧିକାର ଯୋଗାଇବାର ସୁଯୋଗ ଦେବା ଅନ୍ୟତମ। ପରିତାପର ବିଷୟ ଏହି ସଂସ୍ଥା ଝାଡ଼ଖଣ୍ଡରେ ଏବେ ଓଡ଼ିଆ ଭାଷା ମାରଣ ଯଜ୍ଞରେ ମୁଖ୍ୟ ପୁରୋହିତ ସାଜିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ଅବିଚାର ପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବା ଉଚିତ।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫


# ଭାଗବତ ଟୁଙ୍ଗି

**॥ ଶ୍ରୀବତ୍ସ ନାୟକ ॥**

ଓଡ଼ିଶାର ପ୍ରତ୍ୟେକ ଗାଁ ରେ ନଡ଼ା କିମ୍ବା ଆଜବେଷ୍ଟସ ଛପର,ମାଟିକାନ୍ଥ ଆଚ୍ଛାଦିତ ଏକ କୋଠ ଘରଟିଏ ହେଉଛି ଭାଗବତ ଟୁଙ୍ଗି । ଘରଟିର ଏପରି ନାମକରଣ ର ବିଶେଷ ସାର୍ଥକତା ରହିଛି । କାହିଁ କେଉଁ ଆବହମାନ କାଳରୁ ଏହି ଘରେ ଅତିବଡ଼ି ଜଗନ୍ନାଥ ଦାସ ଙ୍କ ଅନନ୍ୟ ସୃଷ୍ଟି ଓଡ଼ିଆ ଭାଗବତ ର ପଦଗୁଡ଼ିକ ନିୟମିତ ପାଠ କରାଯାଉଥିଲା ଯାହାକି ପ୍ରତି ଓଡ଼ିଆର ଜୀବନ କୁ ପରିଭାସିତ କରିଛି । ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ ଅଙ୍ଗ ସ୍ୱରୂପ 'ଶ୍ରୀମଦ୍ ଭାଗବତ ଗୀତା' ପ୍ରତ୍ୟେହ ସନ୍ଧ୍ୟାରେ ପାଠ କରାଯାଇ ସାମାଜିକ ଶୃଙ୍ଖଳା, ଚରିତ୍ର ଗଠନ ତଥା ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ସାଧାରଣ ଲୋକ ମାନଙ୍କୁ ଶିକ୍ଷା ଦିଆଯାଉଥିଲା ଯାହାକି ଭାଗବତ ଟୁଙ୍ଗି ନାମକରଣ ର ସାର୍ଥକତା କୁ ପ୍ରତିପାଦିତ କରିଛି । ଷୋଡ଼ଶ ଶତାବ୍ଦୀ ର ପ୍ରାରମ୍ଭରେ ପୁରୀରେ ପ୍ରଥମେ ଏହି ଭାଗବତ ଟୁଙ୍ଗୀର ଆବିର୍ଭାବ ହୋଇ କାଳକ୍ରମେ ଓଡ଼ିଶାର ପୁରପଲ୍ଲୀ ରେ ଏହା ବ୍ୟାପକ ପ୍ରସାର ଲାଭକଲା। ଗ୍ରାମାଂଚଳରେ ପ୍ରତ୍ୟେହ ସନ୍ଧ୍ୟାରେ ଗ୍ରାମବଧୂ ମାନେ ଏହି ଭାଗବତ ଟୁଙ୍ଗୀ ରେ ସଞ୍ଜ ଆଳତି, ଧୂପ, ଦୀପ ଦେଇ ଡିବି କିମ୍ବା ଲଣ୍ଠନ ଆଲୁଅ ଜଳାଇ ଥାଆନ୍ତି । ନିଜର ଦୈନନ୍ଦିନ କାର୍ଯ୍ୟ ସମାପ୍ତ ପରେ ଗ୍ରାମର ଆବାଳବୃଦ୍ଧବନିତା ତାଳପତ୍ର ନିର୍ମିତ ଆସନ ପକାଇ ଏଠାରେ ବସି ଥାଆନ୍ତି। ଅ-ଶିକ୍ଷିତ, ପୂର୍ବ-ଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ, ସୁ-ଶିକ୍ଷିତ, ଧର୍ମ-ଶିକ୍ଷିତ ତଥା ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ, ଧନୀ ଗରିବ ର ବାଛ ବିଚାର ନରଖି ସମସ୍ତେ ପ୍ରତ୍ୟେହ ସନ୍ଧ୍ୟାରେ ଏକତ୍ରିତ ହୋଇଥାନ୍ତି ।ପରମ ଶାସ୍ତ୍ର ଭାଗବତ,ଅଭ୍ୟାସ କରୁଥିବ ନିତ୍ୟ । ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ ଭଳି ଭାଗବତ ପଦ ଅବଧାନ କିମ୍ବା ପୂଜା ପଣ୍ଡା ଙ୍କ କଣ୍ଠରୁ ଉଭାଷିତ ହୁଏ । ଆହା କି ସୁନ୍ଦର ପଦ ମାନ ! କି ସୁମଧୁର କଣ୍ଠ ! କାହାରିକୁ ବାଧ୍ୟ କରାନଗଲେ ମଧ୍ୟ ଗ୍ରାମବାସୀ ମାନେ ସବୁଦିନ ସନ୍ଧ୍ୟାରେ ବସି ଏହି ପଦ ମାନଙ୍କୁ ଶ୍ରବଣ କରୁଥିଲେ । ଭାଗବତ ଚର୍ଚ୍ଚା ଆଦିରେ ସେମାନଙ୍କର ରାତ୍ରିର ପ୍ରଥମ ପ୍ରହରକୁ ସେମାନେ ବିତାଉଥିଲେ ।

ଯେଉଁ ମାନେ ବାହାରେ କୌଣସି ଚାକିରି କିମ୍ବା କର୍ମ ଯୋଗରେ ବିନିଯୋଗ ଥାଆନ୍ତି ସେମାନେ ପୂଜା ପର୍ବାଣୀ ରେ ଗ୍ରାମକୁ ଫେରିଲେ ଭାଗବତ ଟୁଙ୍ଗୀ ରେ ଯୋଗଦାନ କରିଥାନ୍ତି । ଭାଗବତ ଟୁଙ୍ଗୀର କିଛି ସମୟ ବିତେଇବା ଗ୍ରାମବାସୀ ଙ୍କର ନିତିଦିନିଆ କାର୍ଯ୍ୟଥିଲା । ଯଦିଓ ଘରଟିର ନାମ ' ଭାଗବତ ଟୁଙ୍ଗୀ' କିନ୍ତୁ ସେଠାରେ ପବିତ୍ର ରାମାୟଣ, ମହାଭାରତ ଭଳି ଗ୍ରନ୍ଥ ମଧ୍ୟ ଆଲୋଚନା ହେଉଥିଲା । ପୁରାଣ ପାଠର ଆଲୋଚନା ସହ ପୂଜାପଣ୍ଡା କିମ୍ବା ଅବଧାନ ମାନେ ଗ୍ରାମବାସୀ ମାନଙ୍କୁ ନିଜ ଦୈନନ୍ଦିନ ଜୀବନରେ ଉନ୍ନତି ଆଣିବା ପାଇଁ ତଥା ସୁସ୍ଥ ସମାଜ ଗଠନ ନିମନ୍ତେ ପରାମର୍ଶ ଦେଉଥିଲେ । ସନ୍ଧ୍ୟା ହେଲେ ଘରଟି ଝାଞ୍ଜ, ମୃଦଙ୍ଗ, ହରିବୋଲ, କରତାଳି, ହୁଳହୁଳି, କାହାଳୀ ଶବ୍ଦ ରେ ଉଛୁଳି ପଡେ । ଶାନ୍ତ କାନ୍ତ କୋମଳ ଗ୍ରାମାଂଚଳ ର ପରିବେଶରେ ଝୁଣା ଧୂପ ର ବାସ୍ନା ସହ ମୃଦଙ୍ଗ ଝାଞ୍ଜ ଓ ତା ସାଙ୍ଗକୁ ଅବଧାନ ଙ୍କ ମୁଖ ନିଶୃତ ସୁସଙ୍ଗୀତ ସ୍ୱରରେ ପୁରାଣ ପଠନ ଗ୍ରାମ ପରିବେଶ କୁ ଆହୁରି ସୁନ୍ଦର ଓ ମଧୁମୟ କରୁଥିଲା । ପୋଥି ପଢ଼ିବା, ମସିଣା ବୁଣିବା, ପଥଚାରୀ ଙ୍କର ରାତ୍ରି ଆଶ୍ରୟ, ଜାନୁ ଘଣ୍ଟିଆ, ଚକୁଳିଆ ପଣ୍ଡା, ଲୋକନୃତ୍ୟକାରୀ ଙ୍କ ବିଶ୍ରାମ ଗୃହ, ଶିକ୍ଷାଦାନ, ବିଚାରାଳୟ, ନ୍ୟାୟ, ନିଶାପ, ସଙ୍ଗୀତ ଗାୟନ, ସଭା ସମିତି, ଖଜଣା ଆଦାୟ, କୀର୍ତ୍ତନ, ସୂଚନା କେନ୍ଦ୍ର ଆଦି କାର୍ଯ୍ୟ ମଧ୍ୟ ଏହି ଘରେ ହୋଇଥାଏ । ଏହା ସତେ ଯେମିତି ଘର ନୁହେଁ ତ ଗ୍ରାମ ଜୀବନର ମୁକ ସାକ୍ଷୀ । ଅନେକ ଘଟଣା କୁ ସେ ନିଜ ଅନୁଭୁତି କୁ ନେଇଛି । ନୂଆ ବୋହୂ ର ଗ୍ରାମ ପ୍ରବେଶ, ବୁଢା ବୁଢ଼ୀ ଙ୍କ ଶେଷ ଯାତ୍ରା, ଶୈଶବ ଙ୍କ କୋଳାହଳ , ଗ୍ରାମର ଦୋଳ ଉତ୍ସବ, ହୋଲି, କୁଆଁରୀ ଝିଅ ଙ୍କ ଖୁଦରକୁଣୀ ଓଷା, ରାମ ନାଟକ ଆଦି ଅନେକ ଘଟଣାକୁ ନିଜ ମଧରେ ସ୍ଥାନ ଦେଇଛି। ଗ୍ରାମବାସୀ ଙ୍କର ସୁଖ ଦୁଃଖର ସାଥୀ ଟିଏ ହୋଇ ଗ୍ରାମ ର ଜଣେ ସଦସ୍ୟ ପାଲଟି ଯାଇଛି । ଭାଗବତ ଟୁଙ୍ଗୀ ଟି କେତେ ନ୍ୟାୟ ନିଶକ୍ଷପ ର ବିଚାର ଦେଖିଛି, କେତେ ସଭା ସମିତିରେ ସାକ୍ଷୀ ଅଛି, କେତେ ବେସାହାରା କୁ ସାହାରା ଦେଇଛି, କେତେ ଅତିଥିଙ୍କୁ ନିଜ କୋଳରେ ସ୍ଥାନ ଦେଇଛି ତାହାର ରେକର୍ଡ କିଏ ବା ଦେଇ ପାରିବ । କେଉଁ ଆବହମାନ କାଳରୁ ଗ୍ରାମର ମଧଭାଗରେ ଥିବା ଏହି ଝାଟି ମାଟିର କ୍ଷୁଦ୍ର କୁଡ଼ିଆଟିଏ ଗ୍ରାମବସୀ ଙ୍କର ଚିର ସହଯୋଗୀ। ସାନ ସିନା ଦାନ ତା ମହାନ ଭଳି ଆକାରରେ କ୍ଷୁଦ୍ର ହେଲେ ମଧ ସମସ୍ତ ବର୍ଗର ଜନସାଧାରଣ ମାନଙ୍କୁ ନିଜ ର କୋଳରେ ସ୍ଥାନ ଦେଇ ବିଭିନ୍ନତା ମଧରେ ଏକତା ର ନିଦର୍ଶନ ର ପ୍ରମାଣ ଦେଇଛି। ସ୍ୱାର୍ଥ, ଭେଦଭାବ ଠାରୁ ଗ୍ରାମ ବାସୀ ଙ୍କୁ ଦୂରେଇ ରଖି ସମସ୍ତଙ୍କୁ ପ୍ରମ ଓ ସଦଭାବନା ର ଭାବରେ ଅଭିନ୍ନ କରି ରଖିଛି। କେବଳ ସେତିକି ନୁହେଁ ଗ୍ରାମରେ ଶାନ୍ତି ସ୍ଥାପନ କରିବା, ହିଂସା, କ୍ରୋଧ ଠାରୁ ଦୂରେଇ ରହିବା, ଭାଇଚାରା ର ତତ୍ତ୍ୱ କୁ ଶୃଙ୍ଖଳା, ଦିନଚର୍ଯ୍ୟା,ସାମାଜିକ ସଂସ୍କାର ଆଦିର ଶିକ୍ଷା ମଧ ଏଠାରୁ ମିଳୁଥିଲା । ଏକଦା ସେ ସମୟ ଥିଲା ଯେଉଁ ସମୟରେ ଗ୍ରାମବାସୀ ଏକତ୍ରିତ ହୋଇ ଟୁଙ୍ଗୀରେ ବସୁଥିଲେ। ନିଜର ନିତିଦିନିଆ କର୍ମମୟ ଜୀବନ ରୁ ଫେରିଲେ ଭାଗବତ ଟୁଙ୍ଗୀରେ କିଛି ସମୟ ବିତାଉଥିଲେ । ଆଜି ଆଉ ସେ ସମୟ ନାହିଁ । ସମୟ ବଦଳି ଯାଇଛି। ସବୁ କିଛି ହଜି ଯାଇଛି । ସମୟ ଛଡେଇ ନେଇଛି ଅନେକ କିଛି ଖାଲି ଯାହା ରହି ଯାଇଛି ସ୍ମୃତି । ସ୍ମୃତି ତ କେବେ ନୁହେଁ ଭୁଲିବାର ସ୍ମୃତି ହେଉଛି ଅତୀତ ଘଟଣାର ର ମୁକ ସାକ୍ଷୀ । ସାମ୍ପ୍ରତିକ ପରିସ୍ଥିତି ରେ ଉଜୁଡୁ ଯାଇଛି ସେ ଭାଗବତ ଟୁଙ୍ଗୀ । ଅଧିକାଂଶ ଗ୍ରାମରେ ଜରାଜୀର୍ଣ୍ଣ ଅବସ୍ଥାରେ ସେଦିନର ସେ କୋଠଘର । କିଛି କିଛି ଗାଁ ରେ ସେ କୋଠ ଘର ଶବ୍ଦ ତ ଶୁଣିବାକୁ ମିଳୁନାହିଁ । ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ଭାସିଭାସି ଚାଲିଲା ଭଳି ଭାଗବତ ଟୁଙ୍ଗୀ ସେମିତି ଭାସି ଭାସି ଚାଲି ଆଜି ବିଲୁପ୍ତ ପ୍ରାୟ ହୋଇଗଲାଣି । ଯେଉଁ କେତେ ଖଣ୍ଡ ଗାଁ ରେ କୋଠ ଘର ଅଛି, କିନ୍ତୁ ତାହା ଭାଗବତ ଟୁଙ୍ଗୀ ହୋଇ ଆଉ ରହିନାହିଁ । ଅତୀତ ରେ ଯେଉଁଠି ଅନେକ ପୁରାଣ ଓ ସୁସ୍ଥ ସମାଜର ର ଗଠନ ନିମନ୍ତେ ଚର୍ଚ୍ଚା ଆଲୋଚନା ହେଉଥିଲା ଏବେ ବି ସେଠି ଚର୍ଚ୍ଚା, ଆଲୋଚନା, ପର୍ଯ୍ୟାଲୋଚନା ଚାଲିଛି କିନ୍ତୁ ଫରକ ଏତିକି ଯେ ଚୁଗୁଲିଆ ଙ୍କ ଚର୍ଚ୍ଚା ଏବେ ଭାଗବତ ଟୁଙ୍ଗୀ ର ମୁଖ୍ୟ ଆକର୍ଷଣ ପାଲଟିଛି । ସନ୍ଧ୍ୟା ହେଲେ ଗ୍ରାମ ବଧୂ ଟିଏ ଧୂପ, ଦୀପ, ଦେବାକୁ କୋଠ ଘରକୁ ଯିବା ପାଇଁ ନିଜକୁ ସୁରକ୍ଷିତ ମନେ କରୁନାହିଁ । ଅସାମାଜିକ ଙ୍କ ପ୍ରାଦୁର୍ଭାବ ବେଳକୁ ବେଳ ବଢ଼ିବାରେ ଲାଗିଛି। ଗାଁ ର କିଛି କୁଜି ରାଜା ନେତାଙ୍କ ରାଜନୈତିକ ଦଳର ଏହା ମଧ ଦଳୀୟ ଅଫିସ ହୋଇଗଲାଣି । ନାହିଁ ସେ ପୁରାଣ ନାହିଁ ସେ ଭାଇଚାରା । କାଳର କରାଳ ଗତି ରେ ଭାଗବତ ଟୁଙ୍ଗୀ ଆଜି ଅଣ ନିଃଶ୍ୱାସୀ ହୋଇପଡିଛି। ରକ୍ଷଣା ବେକ୍ଷଣା ଅଭାବରୁ ମଧ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ବିଳମ୍ବରେ ହେଉ ପଛେ ଏହାର ଏତାଦୃଶ ଅବସ୍ଥା ଦେଖି ଆର୍ଥିକ ବର୍ଷ ୨୦୧୪-୧୫ ରେ ରାଜ୍ୟ ସରକାର ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ନିମନ୍ତେ ପଚିଶି ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ଏକ ଯୋଜନା କରିଥିଲେ କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଯୋଜନା ସରକାରଙ୍କର ନାଲି ଫିତା ତଳେ ରହିଗଲା। ଆଧୁନିକତାର ଦ୍ୱାହି ଦେଇ ବିକାଶ ନାମରେ ବିନାଶ କୁ ନିମନ୍ତ୍ରଣ ସ୍ୱରୂପ ଧ୍ୱଂସ ହୋଇଯାଇଛି ପରମ୍ପରା । ବିଜ୍ଞାନ ପ୍ରଯୁକ୍ତି ବିଦ୍ୟାର ଯୁଗରେ ହଜି ଯାଇଛି ସେଦିନର ସେ ଟୁଙ୍ଗୀ । ଦେଶ ଅଗ୍ରଗତି ହେଉ ଜାତିର ଉନ୍ନତି ହେଉ କିନ୍ତୁ ଯଦି ଆମେ ଆମର ମୂଳ କୁ ଭୁଲିଯିବା ତେବେ ଦିନେ ଆମର ପରିଚୟ ହରାଇବସିବା ଏଥିରେ ସନ୍ଦେହ ନାହିଁ।


**ଅଧ୍ୟାପକ,ବାଣିଜ୍ୟ ବିଭାଗ,କଟକ, ମୋ ୯୪୩୮୦୭୦୮୪୯**


# ମମ ଭୂତ ମହେଶ୍ୱରମ୍

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର॥**

୧୩୨୧ ସାଲ ୧୯୧୪ ମସିହା ଭାବାବେଶରେ ମତୁଆଲା ହୋଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯେତେବେଳେ କୀର୍ତ୍ତନ କରୁଥିଲେ ସେ ସମୟରେ ସେ ନୃତ୍ୟର ଦେବୀ ବିଭଙ୍ଗ ଯେପରି ଅନିର୍ବଚନୀୟ ତାହା ଏକ ଅମାନବୀୟ ପ୍ରତିଭାର ନିଦର୍ଶନ। ସଙ୍ଗରେ ଥାଆନ୍ତି ପଞ୍ଚସଖା - ଅନନ୍ତ, କିଶୋରୀ, ଗୋସାଇଁ, କୃଷ୍ଣପ୍ରସନ୍ନ, ସୁଶୀଳଚନ୍ଦ୍ର, ଏତଦ୍‌ବ୍ୟତୀତ କୀର୍ତ୍ତନ ପ୍ରେମୀ ଖୋକନ, ତରଣୀ, ନଫଂର ଘୋଷ... ଇତ୍ୟାଦି। ସେ ଏକ ଅପୂର୍ବ ଅନିର୍ବଚନୀୟ ଅଭୂତପୂର୍ବ ଦୃଶ୍ୟ - ଯାହା ଅବ୍ୟକ୍ତ, କୀର୍ତ୍ତନର ଭାବାବସ୍ଥା। ଶ୍ରୀ ଶ୍ରୀ ଠାକୁର କେତେବେଳେ ଦୁଇ ବାହୁ ତୋଳି ନାଚି କୁଦି ସମସ୍ତଙ୍କୁ ପ୍ରେମ ବିହ୍ୱଳ କରି ତୋଳୁ ଥିଲେ ତ କେତେବେଳେ ଉତ୍ତାଳ ଭାବର ଆତିଶଯ୍ୟରେ ପ୍ରେମାଲିଙ୍ଗନରେ ସମସ୍ତଙ୍କୁ ବୁକୁରେ ଜାବୁଡ଼ି ଧରୁଥିଲେ ତ ପୁଣି କାହାକୁ କାନ୍ଧରେ ବସାଉ ଥିଲେ। କେତେବେଳେ ବା କାହା କାନ୍ଧ ଉପରକୁ ଚଢ଼ି ଯାଉଥିଲେ। କେତେବେଳେ ବା ନିବିଡ଼ ଭାବରେ ବୁକୁରେ ଜାବୁଡ଼ି ଧରି ପ୍ରେମାଲିଙ୍ଗନ ପୂର୍ବକ ଚୁମା ଖାଉଥିଲେ। ସେ ଭାବ ରାଜ୍ୟର ଦୃଶ୍ୟ ମର୍ତ୍ତ୍ୟରେ ସମ୍ଭବ ନୁହେଁ, ସ୍ୱର୍ଗରେ। ଜୀବନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଜେ କୌଣସି ଆସନର ଅଭ୍ୟାସ ନକରି ଥିବା ସ୍ଥଳେ କୀର୍ତ୍ତନାବସ୍ଥାରେ ଏତାଦୃଶ୍ୟ ସମସ୍ତଙ୍କ ମାନସ ରାଜ୍ୟରେ ଏକ ଦୁର୍ଭେଦ୍ୟ, ବିସ୍ମୟ ଅମୀମାଂସିତ ରହସ୍ୟ ହୋଇ ରହିଯାଇଛି - ଅଦ୍ୟାବଧି। ଗୀତାରେ ସେହି ମହାନ ବାଣୀ, - 'ଅବ ଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍, ପରଂ ଭାବ ମଜାନନ୍ତୋ ମମ ଭୂତ ମହେଶ୍ୱରମ୍।।'

ଯେ ନିଜର ହୃଦୟ କ୍ଷେତରେ ପ୍ରେମର ଫସଲ ଉପୁଜାଏ ସେ ହିଁ ପ୍ରକୃତ ଖ୍ରୀଷ୍ଟିୟାନ୍, ଶିଖ, ହିନ୍ଦୁ ବା ମୁସଲମାନ। ବସ୍ତୁତଃ ଯିଏ ହୃଦୟରେ ପ୍ରେମଭାବ ପୋଷଣା କରେ ସେ ହିଁ ପ୍ରକୃତ ମାନବ। ପ୍ରେମ ମଣିଷର ପ୍ରାଣବାୟୁ ଅଟେ। ପ୍ରେମ ହିଁ ସକଳ ଜୀବ ମଧ୍ୟରେ ଦିବ୍ୟ ଚେତନା। ପ୍ରେମ ହିଁ ଜୀବନର ଲକ୍ଷ୍ୟ। ମାନବ ଜୀବନ ପ୍ରେମ ଦ୍ୱାରା ରସମୟ ହୋଇଥାଏ। ଏହି ନିତ୍ୟ ଶୁଦ୍ଧ ପ୍ରେମତତ୍ତ୍ୱକୁ ବୁଝି ନପାରି ମଣିଷ ନାନାବିଧ ଦୈହିକ ତଥା ସାଂସାରିକ ଅଶାନ୍ତି ଓ ଉଦ୍‌ବେଗରେ ହନ୍ତସନ୍ତ ହେଉଛି। ଆଜିକାଲି ଲୋକମାନଙ୍କ ମଧ୍ୟରେ ପ୍ରେମଭାବ କମିଯିବାର ଦେଖାଯାଉଛି। ପ୍ରେମଶୂନ୍ୟ ମାନବ ଦାନବ ସହ ସମାନ। ଦାନବ ପ୍ରବୃତ୍ତିଯୁକ୍ତ ମଣିଷ ଆଜି ପଶୁ ଭଳି ବ୍ୟବହାର କରୁଛି। ଭଗବାନ ଜୀବମାନଙ୍କୁ ଭୂତ, ପ୍ରେତ ବା ପିଶାଚ କରି ସୃଷ୍ଟି କରି ନଥାନ୍ତି। ଏଗୁଡ଼ିକ ମଣିଷର ସୃଷ୍ଟି। ପ୍ରତ୍ୟେକଙ୍କୁ ନାମ ଓ ପ୍ରେମ ପ୍ରଚାର ପାଇଁ ଗଠନ କର। ପ୍ରେମ ହିଁ ସ୍ୱର୍ଗ ଓ ସ୍ୱର୍ଗ ହିଁ ପ୍ରେମ - ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପବିତ୍ର ପୁଣ୍ୟପୋଥିରେ ଅମୃତ ପାବନ ଉଦ୍‌ଘୋଷଣ ଦେଇ ସତ୍‌ସଙ୍ଗୀମାନଙ୍କୁ ଆଶୀର୍ବଚନ କରି କହିଛନ୍ତି - 'ନିଃସ୍ୱାର୍ଥପର ଭାବରେ ଭଲ ପାଇ ଦେଖ। ଭଲପାଇ ଦେଖ। ଭଲ ପାଇବା ପାଇଁ ମନ ଭିତରେ କୌଣସି ପ୍ରକାର ଗୋଳମାଳ ରଖ ନାହିଁ। ଦେଖ, ମନ ହିଁ ସବୁ କରେ।' 'ପ୍ରାଣ ଧରିବାକୁ ଗଲେ ପ୍ରେମ ହିଁ ଔଷଧ। ଜଗତରେ ଯେତେ ବେଶୀ ଲୋକଙ୍କୁ ଭଲପାଇ ପାରିବୁ ଜଡ଼ ଚେତନକୁ ଯେତେ ଭଲପାଇ ପାରିବୁ, - ଈଶ୍ୱରଙ୍କୁ ସେତେ ଭଲ ପାଇପାରିବୁ। ଯଦି ମୋତେ ପାଇବାକୁ ଚାହଁ, ଭଲପାଅ। ସମସ୍ତ ଜୀବକୁ ଭଲପାଅ। ଭଲପାଅ, ପ୍ରାଣକୁ ଭଲପାଅ, ଜଗତକୁ ଭଲପାଅ, ତା'ହେଲେ ମୋତେ ପାଇବ।'

ନିଜ ହୃଦୟରେ ପ୍ରେମଭାବ ପରିପୁଷ୍ଟ କରୁଥିବା ବ୍ୟକ୍ତି ହିଁ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ, ଶିଖ୍, ହିନ୍ଦୁ ବା ମୁସ୍‌ଲମାନ ହୋଇପାରେ। ଦୁର୍ଭାଗ୍ୟବଶତଃ ଆଜି କେହି ହେଲେ ସେମାନଙ୍କର ହୃଦୟ କ୍ଷେତରେ ପ୍ରେମର ବୀଜ ବପନ କରୁ ନାହାନ୍ତି। ତେବେ ତୁମେ ପ୍ରେମର ଶସ୍ୟ ଅମଳ କରିବ ବୋଲି କିପରି ଭାବୁଛ ? ଯାହା ମଧ୍ୟରେ ପ୍ରେମଭାବ ନାହିଁ ସେ ମଣିଷ ହେବ କିପରି ? ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆହୁରି ମଧ୍ୟ କହିଛନ୍ତି - 'ଭଗବାନଙ୍କୁ ଭଲପାଏ କି ନା ଠିକ୍ କରିବାକୁ ହେଲେ ଆଗେ ଦେଖିବାକୁ ହୁଏ ମୁଁ ଜଗତକୁ ଭଲ ପାଏ କି ନାହିଁ। ଦେଖ, ଯଦି ଜଗତର ପ୍ରତ୍ୟେକ ଜୀବକୁ ଭଲପାଉ, ପ୍ରତ୍ୟେକ ବସ୍ତୁକୁ ଭଲପାଉ ସେତେବେଳେ ବୁଝିବୁ ମୁଁ ଭଗବାନଙ୍କୁ ଭଲପାଏ, ଏହିପରି ଭାବିବା ହିଁ ଭଲ।' ଭଲପାଇବାଟା ହିଁ ସ୍ୱର୍ଗ। ଭଲପାଇବା ହିଁ ନରକରେ ସ୍ୱର୍ଗ ସ୍ଥାପନ କରିଥାଏ। ଦେଖ, ଅନ୍ତରରେ ଭଲପାଇବା ନଥିଲେ ମଧ୍ୟ ବାହାରେ ଭଲ ପାଇବାକୁ ହୁଏ। ଦେଖ, ଜଣେ କୁଷ୍ଠ ରୋଗୀ ଯଦି ରାସ୍ତାରେ ବସି 'ଗୋଟାଏ ପଇସା ଦିଅ, ଗୋଟାଏ ପଇସା ଦିଅ' କହେ, ତୁ ସେତେବେଳେ ମନକୁ ପଚାରିବୁ 'ମନ ! ତୁ ଏହାକୁ ଭଲପାଇ ପାରିବୁ ?' ମନ ଯଦି ଅସ୍ୱୀକାର କରିବ, ତେବେ ମନ ବିପକ୍ଷରେ ଛିଡ଼ା ହେବୁ.... 'ଦେଖ, ପାରିବୁ ନାହିଁ ବୋଲି କହୁଛୁ କାହିଁକି ?' ଏଇ ପରପାଇଁ ଯେତେବେଳେ ତୁ ତୋର ଗଳାଟା କାଟି ଦେଇ ପାରିବୁ, ସେତେବେଳେ ଜାଣିବୁ ତୁହି ଭଗବାନଙ୍କୁ ଭଲ ପାଉଛୁ। ଐସଭୟଙ୍କ ଶବ୍ଦର ଅର୍ଥ ହେଉଛି ଐଙ୍କଙ୍କବଭସଷ୍ଟଛ (ମାନବତ୍ୱର ପ୍ରତୀକ), ଓଭୟସଙ୍ଗସୟଙ୍କବକ୍ଷ-ସଷ୍ଟଛ (ବ୍ୟକ୍ତିତ୍ୱର ପ୍ରତୀକ), ଘବଷ୍ଟସକ୍ଟଭବକ୍ଷସଷ୍ଟଛ (ଜାତୀୟତାର ପ୍ରତୀକ), ଉସଙ୍ଗସଭସଷ୍ଟଛ (ଦୈବତ୍ୱର ପ୍ରତୀକ) ଏବଂ ଟଭସଷ୍ଟଛ (ଏକତ୍ୱର ପ୍ରତୀକ) ଯାହା ମଧ୍ୟରେ ସମସ୍ତଗୁଣ ଥାଏ ସେ ପ୍ରକୃତ ହିନ୍ଦୁ। ଏହି ପାଞ୍ଚୋଟି ଅନ୍ତର ପ୍ରବାହ ହୋଇ ରହିଛି ପ୍ରେମ। ପ୍ରକୃତ ହିନ୍ଦୁ, ମୁସଲ୍‌ମାନ ବା ଖ୍ରୀଷ୍ଟିୟାନ ପ୍ରେମସ୍ୱରୂପ ହେବା ଆବଶ୍ୟକ। ମୁସଲମାନମାନେ ପ୍ରାର୍ଥନା କରିଥାନ୍ତି, 'ଆଲ୍ଲା ହୋ ଆକବର୍' ଅର୍ଥାତ୍ ଈଶ୍ୱର ହିଁ ମହାନ୍। ଇସ୍‌ଲାମର ଅର୍ଥ ହେଲା ଶାନ୍ତି। ତେଣୁ ଯିଏ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରେ ସେ ପ୍ରକୃତ ମୁସଲମାନ। ଏକ ପ୍ରେମପୂର୍ଣ୍ଣ ହୃଦୟରୁ ଶାନ୍ତି ବିକଶିତ ହୁଏ। ପ୍ରେମ ବିନା ଜଣେ ଶାନ୍ତି ପାଇ ପାରେନା, ତେଣୁ ଯେ କୌଣସି ଜାତି, ଧର୍ମ ବା ମତବାଦ ପାଇଁ ମୂଳ ହେଲା ପ୍ରେମ। ପ୍ରେମ ହିଁ ଶିବ, ପ୍ରେମ ହିଁ ମଙ୍ଗଳ, ପ୍ରେମ କାହାକୁ କଷ୍ଟ ଦିଏନା। ଯାହା କଷ୍ଟ ଦିଏନା ତାହା ହିଁ ଶିବ। ପ୍ରେମଶୂନ୍ୟ ମାନବକୁ ଶବ, ପ୍ରେମଯୁକ୍ତ ମାନବକୁ ଶିବ କହିବା ଠିକ୍ ହେବ।


ପ୍ରଫେସର, ହେପାଟୋଲାଜି ବିଭାଗ
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






# ପାରାଦୀପରେ ଧୁମ୍‌ଧାମରେ ପାଳିତ ହେଲା 'କୁମାର ଉତ୍ସବ–୨୦୨୬'



ପାରାଦୀପ, (ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣର ସାଂସ୍କୃତିକ ଅନୁଷ୍ଠାନ ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ସ୍ଥାନୀୟ ଜୟଦେବ ସଦନ ପରିସରରେ 'କୁମାର ଉତ୍ସବ–୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଶାର ପାରମ୍ପରିକ କଳା, ସଂସ୍କୃତି ଓ ଲୋକପରମ୍ପରାର ପ୍ରଚାରପ୍ରସାର ସହ ନୂତନ ପିଢ଼ିର ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଆୟୋଜିତ ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ଲଳିତ କଳା ସଂସଦର ସଭାପତି କ୍ୟାପଟେନ୍ ଅଲେଖ ଚରଣ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରିଥିଲେ। ଏଭଳି ଆୟୋଜନ ମାଧ୍ୟମରେ ଓଡ଼ିଆ ପରମ୍ପରାର ସଂରକ୍ଷଣ ସହ କଳା ଓ ସଂସ୍କୃତି ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବୃଦ୍ଧି ପାଇବାର ସୁଯୋଗ ସୃଷ୍ଟି ହୋଇଥିଲା। କୁମାର ପୂର୍ଣ୍ଣିମା ଓଡ଼ିଶାର ଏକ ପ୍ରମୁଖ ପାରମ୍ପରିକ ପର୍ବ। ଆଶ୍ୱିନ ମାସର ପୂର୍ଣ୍ଣିମା ତିଥିରେ ପାଳିତ ଏହି ପର୍ବ ଓଡ଼ିଆ ଜନଜୀବନ ଓ ସଂସ୍କୃତି ସହ ଗଭୀର ଭାବେ ଜଡ଼ିତ। ଏହି ଦିନ ଅବିବାହିତ ଝିଅମାନେ ନୂତନ ବସ୍ତ୍ର ପରିଧାନ କରି ସଜବାଜ ହେବା ସହ ଚାନ୍ଦ ପୂଜା କରିଥାନ୍ତି। ପାରମ୍ପରିକ ଗୀତ, ନୃତ୍ୟ, ଚାନ୍ଦ ପୂଜା ଓ ବିଭିନ୍ନ ଲୋକାଚାର ଏହି ପର୍ବର ବିଶେଷ ଆକର୍ଷଣ। ଏହା ଓଡ଼ିଆ ଜାତିର ସାଂସ୍କୃତିକ ପରିଚୟ, ଆନନ୍ଦ ଓ ସାମାଜିକ ଏକତାର ପ୍ରତୀକ ଭାବେ ପରିଚିତ। ଉତ୍ସବ ଅବସରରେ ରବିବାର ଅପରାହ୍ନ ୪ଟାରୁ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ଚାମଚରେ ଲେମ୍ବୁ ନେଇ ଦୌଡ଼, ସନ୍ତୁଳନ ରକ୍ଷା ପ୍ରତିଯୋଗିତା, ରଙ୍ଗୋଲି, ବେଲୁନ୍ କୁଇନ୍, ଅଳତା ଓ ମେହେନ୍ଦି ଭଳି ଆକର୍ଷଣୀୟ ପ୍ରତିଯୋଗିତା ସ୍ଥାନ ପାଇଥିଲା। ଏହି ପ୍ରତିଯୋଗିତାଗୁଡ଼ିକ ଜୁନିୟର ଓ ସିନିୟର ବର୍ଗରେ ଆୟୋଜିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପ୍ରତିଯୋଗୀମାନେ ନିଜ ନିଜର ପ୍ରତିଭା, ଦକ୍ଷତା ଓ ସୃଜନଶୀଳତାର ପରିଚୟ ଦେଇଥିଲେ। ଏଭଳି ପ୍ରତିଯୋଗିତା ମାଧ୍ୟମରେ ଶିଶୁ ଓ ଯୁବପିଢ଼ିଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା, ଆତ୍ମବିଶ୍ୱାସ ଓ ସୃଜନଶୀଳ ମନୋଭାବର ବିକାଶ ପାଇଁ ଏକ ସୁନ୍ଦର ମଞ୍ଚ ସୃଷ୍ଟି ହୋଇଥିଲା। ସନ୍ଧ୍ୟା ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ମନୋରମ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଳାକାରମାନଙ୍କ ଆକର୍ଷଣୀୟ ପ୍ରଦର୍ଶନ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିବା ସହ ଜୟଦେବ ସଦନ ପରିସରକୁ ଉତ୍ସବମୁଖର କରିଥିଲା। ଏହି ସାଂସ୍କୃତିକ ସନ୍ଧ୍ୟା ମାଧ୍ୟମରେ ଓଡ଼ିଶାର ସମୃଦ୍ଧ କଳା ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ପ୍ରତିଭାର ସ୍ୱୀକୃତି ଓ ସମ୍ମାନ ପ୍ରତିଯୋଗୀମାନଙ୍କୁ ଆଗାମୀ ଦିନରେ ଅଧିକ ଉତ୍ସାହର ସହ କଳା ଓ ସଂସ୍କୃତି କ୍ଷେତ୍ରରେ ଆଗେଇବାକୁ ପ୍ରେରଣା ଯୋଗାଇଥିଲା। ଜଗନ୍ନାଥ ଲଳିତ କଳା ସଂସଦର ସମ୍ପାଦକ ପ୍ରଶାନ୍ତ ମହାରଣାଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇଥିଲା। ଓଡ଼ିଶାର ପାରମ୍ପରିକ ପର୍ବକୁ ଆଧାର କରି ଆୟୋଜିତ ଏହି ଉତ୍ସବ କଳା, ସଂସ୍କୃତି ଓ ସାମାଜିକ ମିଳନର ଏକ ଉଲ୍ଲେଖନୀୟ ମଞ୍ଚ ଭାବେ ପରିଚିତ ହୋଇଥିଲା। ଏଭଳି ଆୟୋଜନ ଆଗାମୀ ପିଢ଼ି ମଧ୍ୟରେ ଓଡ଼ିଆ ପରମ୍ପରା ପ୍ରତି ଆଗ୍ରହ ବୃଦ୍ଧି କରିବା ସହ ସ୍ଥାନୀୟ ଅଞ୍ଚଳର ସାଂସ୍କୃତିକ ପରିବେଶକୁ ଅଧିକ ସମୃଦ୍ଧ କରିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି।

# ଘରକୁ ଲାଗି ରହିଛି ଟ୍ରାନ୍ସଫର୍ମର, ଚାରିପଟେ ନାହିଁ ସୁରକ୍ଷା ବାଡ଼! ଅଘଟଣ ଆଶଙ୍କାରେ ପରିବାର



ସଇଁତଳା, (ମହାଭାରତ): ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ ଅନ୍ତର୍ଗତ ଟିକ୍ରାପଡ଼ା ଗ୍ରାମପଞ୍ଚାୟତର କଦଳୀମୁଣ୍ଡା ଗ୍ରାମରେ ଘରକୁ ଲାଗି ରହିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର। ହେଲେ ଟ୍ରାନ୍ସଫର୍ମରର ଚାରିପଟେ ନାହିଁ କୌଣସି ତାରବାଡ଼ କିମ୍ବା ପାଚେରି। ଏଭଳି ସ୍ଥିତିକୁ ନେଇ ପରିବାରର ସୁରକ୍ଷା ଏବଂ ସମ୍ଭାବ୍ୟ ବିଦ୍ୟୁତ୍ ଦୁର୍ଘଟଣାକୁ ନେଇ ଚିନ୍ତା ବଢ଼ିଛି। ଟ୍ରାନ୍ସଫର୍ମରଟି ଘର ପାଖରେ ଲାଗି ରହିଥିବାରୁ ଏହାର ନିକଟକୁ ଲୋକଙ୍କ ଯାତାୟାତ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ସମୟରେ ବିପଦ ଆଶଙ୍କା ରହିପାରେ। ବିଶେଷକରି ଶିଶୁ ଓ ପରିବାରର ଅନ୍ୟ ସଦସ୍ୟଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକାଶ ପାଉଛି। ତେଣୁ ସମ୍ପୃକ୍ତ ବିଦ୍ୟୁତ୍ ବିଭାଗ ଏହି ସ୍ଥାନ ପରିଦର୍ଶନ କରି ଟ୍ରାନ୍ସଫର୍ମରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ସହ ଆବଶ୍ୟକ ସୁରକ୍ଷା ବାଡ଼ ନିର୍ମାଣ ଓ ଅନ୍ୟାନ୍ୟ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହେଉଛି। କୌଣସି ଅଘଟଣ ଘଟିବା ପୂର୍ବରୁ ବିଦ୍ୟୁତ୍ ବିଭାଗ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବ କି? ନା ଅଭିଯୋଗ ପରେ ମଧ୍ୟ ପଦକ୍ଷେପକୁ ଅପେକ୍ଷା କରିବାକୁ ପଡ଼ିବ? ଏବେ ଏହାକୁ ନେଇ ପ୍ରଶ୍ନ ଉଠୁଛି। ସୁରକ୍ଷା ପରାମର୍ଶ: ଟ୍ରାନ୍ସଫର୍ମରକୁ କେହି ଛୁଅନ୍ତୁ ନାହିଁ କିମ୍ବା ନିଜେ ବାଡ଼ ଲଗାଇବାକୁ ଚେଷ୍ଟା କରନ୍ତୁ ନାହିଁ। ବିଦ୍ୟୁତ୍ ବିଭାଗକୁ ଶୀଘ୍ର ଜଣାଇ ଯାଞ୍ଚ ଓ ସୁରକ୍ଷା ବ୍ୟବସ୍ଥା ପାଇଁ ଅନୁରୋଧ କରନ୍ତୁ।

# ଶ୍ରୀ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୩୨ ୟୁନିଟ ରକ୍ତ ସଂଗ୍ରହ



ପାରାଦୀପ, (ମହାଭାରତ): ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଜୟନ୍ତୀ ଅବସରରେ ପାରାଦୀପ ସ୍ଥିତ ଶ୍ରୀ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ରବିବାର ଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ନୂଆବଜାର କଲୋନୀ ସ୍ଥିତ ଶ୍ରୀ ସତ୍ୟସାଇ ମନ୍ଦିର ପରିସରରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ସତ୍ୟସାଇ ସେବା ସଂଗଠନ ର ରାଜ୍ୟ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦ୍ୱିପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସତ୍ୟସାଇ ପାରାଦୀପ ମଣ୍ଡଳର ଆବାହକ ପ୍ରଶାନ୍ତ ମହାରଣା ଙ୍କ ସମେତ ଅନ୍ୟ ସାଇ ଭକ୍ତ ମାନେ ଉପସ୍ଥିତ ଥିଲେ । ରେଡ଼କ୍ରସ ସୋସାଇଟି ସହଯୋଗ ରେ ଆୟୋଜିତ ଏହି ଶିବିରରୁ ସର୍ବମୋଟ ୩୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।

# ଆରା ଢଙ୍ଗରେ ଜରାଶ୍ରମରେ ଜନ୍ମଦିନ ପାଳିଲେ ସମାଜସେବୀ ରାକେଶ

ପାରାଦୀପ, (ମହାଭାରତ): ପାରାଦୀପର ପରିଚିତ ସମାଜସେବୀ ତଥା ଗ୍ରୀନ ପାରାଦୀପ ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକ ରବିବାର ଦିନ ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ସ୍ଥାନୀୟ ବାଲିଝରା ସ୍ଥିତ ମା ସନ୍ତୋଷୀ ଜରାଶ୍ରମରେ ପାଳନ କରିଛନ୍ତି। ଏହି ଅବସରରେ ଜରାଶ୍ରମର ଅନ୍ତେବାସୀ ମାନେ ଶ୍ରୀ ପଟ୍ଟନାୟକ ଙ୍କ ନିରାମୟ ଓ ସୁଦୀର୍ଘ ଜୀବନ କାମନା କରି ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଙ୍କର ବନ୍ଧୁ, ଗ୍ରୀନ ପାରାଦୀପ ଟ୍ରଷ୍ଟର ବହୁ ସଦସ୍ୟ ଓ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ। ଶେଷରେ ଜରାଶ୍ରମର ଅନ୍ତେବାସୀ ମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ତେବେ ସାଧାରଣରେ ନିଜ ଜନ୍ମ ଦିବସକୁ ସମସ୍ତେ ଆଡମ୍ବର ସହକାରେ ପାଳନ କରୁଥିବା ବେଳେ ରାକେଶ ଙ୍କ ଏଭଳି ପ୍ରୟାସ କୁ ସାଧାରଣରେ ପ୍ରଶଂସା କରାଯାଇଛି ।



# ୪୪ ବର୍ଷରେ ସୁବୁଦ୍ଧିସାହି ଲକ୍ଷ୍ମୀପୂଜା- ମଞ୍ଚସ୍ଥ ହେବ ସାମାଜିକ ନାଟକ 'କାହାକୁ କହିବୁ ଦୁଃଖ କାହାଣୀ'



ଓଡ଼ଗାଁ, (ମହାଭାରତ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ସୁବୁଦ୍ଧିସାହିରେ ଅନୁଷ୍ଠିତ ହେଉଥିବା ଗଜଲକ୍ଷ୍ମୀ ପୂଜା ଚଳିତବର୍ଷ ୪୪ ବର୍ଷରେ ପହଞ୍ଚିଛି।ଏଥିପାଇଁ ରବିବାର ଠାରୁ ୧୫ଦିନ ବ୍ୟାପୀ ଯଜ୍ଞ ବିଧାନକାର୍ଯ୍ୟ ଆରମ୍ଭହେଇଛି।ମା'ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାଙ୍କ ପୂଜାର୍ଚ୍ଚନା ସହିତ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ଘୃତଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟପୁରୋହିତ ସନ୍ତୋଷ କୁମାର ତ୍ରିପାଠୀ ପୂଜାକାର୍ଯ୍ୟ ପରିଚାଳନା କରୁଥିବାବେଳେ ମାନସ କୁମାର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ପ୍ରଜ୍ଞା ବିଷୋୟୀ କର୍ତ୍ତା ଆସନ ମଣ୍ଡନ କରିଥିଲେ।ସୁବୁଦ୍ଧିସାହିର ସମସ୍ତ ବାସିନ୍ଦା ପୂଜାକାର୍ଯ୍ୟରେ ସହଯୋଗ କରିଥିବାବେଳେ ପ୍ରତ୍ୟେହ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ୫ ତାରିଖରେ ସାମାଜିକ ନାଟକ 'କାହାକୁ କହିବୁ ଦୁଃଖ କାହାଣୀ' ମଞ୍ଚସ୍ଥ ହେବ।ନଭେମ୍ବର ୯ ତାରିଖ ସୋମବାର ଅନ୍ନକୂଟ ପରେ ମୃଣ୍ମୟୀ ପ୍ରତିମାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବବୋଲି ପୂଜାକମିଟି ସଭାପତି ଦୈତାରୀ ପଣ୍ଡା ଓ ସମ୍ପାଦକ ପ୍ରଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।ଅନୁରୂପ ଭାବେ ଓଡ଼ଗାଁ ଲକ୍ଷ୍ମୀବଜାର, ଶିକ୍ଷାନଗର ସାହି, କୋମଣ୍ଡ, ଗୋଡ଼ିପଲ୍ଲୀ ଗିରିଡିପଲି, ସୁନାମୁହିଁ, ରଙ୍ଗଣୀପାଟଣା, ନନ୍ଦିଘୋର, ଆରଡ଼ା ଓ ଗୌଡ଼ପୁଟରେ ମଧ୍ୟ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର :୧୧୮ ୟୁନିଟ୍ ରକ୍ତ ସଂଗ୍ରହ



ବାଲିଚନ୍ଦ୍ରପୁର, (ମହାଭାରତ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପଳପୁର୍ ପଞ୍ଚାୟତ ସ୍ଥିତ ମାତୃକୃପା ଭବନ କଳାଶ୍ରୀ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଓ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ଦିଲ୍ଲୀପ କୁମାର ମହାନ୍ତି ଯୋଗଦେଇ ଉଦଘାଟନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। କେନ୍ଦ୍ରୀୟ ରକ୍ତ ଭଣ୍ଡାର କେନ୍ଦ୍ର କଟକର ଡାକ୍ତର ଅଭିଜିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଟେକନିସିଆନ ସୁନୀଲ କୁମାର ଖଣ୍ଡାଇ, ମୃତ୍ୟୁଞ୍ଜୟ ବେଜ, ସରୋଜ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ୧୧୮ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ।ଶିବିର ଆୟୋଜକ ମାତୃକୃପା ଏମପାୱାରମେଣ୍ଟ ଫାଉଁଡେସନର ପ୍ରତିଷ୍ଠାତା ଜୟନ୍ତି ସାମଲ,ସହ ପ୍ରତିଷ୍ଠାତା ମହେନ୍ଦ୍ର କୁମାର ଶାନ୍ତି, ଉତ୍ତମ ଦାସ, ହଳଧର ସାହୁ, ସଭାପତି ସୌମ୍ୟ ରଂଜନ ପରିଡା,ସମ୍ପାଦକ ଚିନ୍ମୟ କୁମାର ଶାନ୍ତି କୋଷାଧକ୍ଷ ମୃତ୍ୟୁଞ୍ଜୟ ସିଂହ, ସଂଯୋଜକ ଦିବ୍ୟରଞ୍ଜନ ବାରିକ ପ୍ରମୁଖ ସମସ୍ତ ସଦସ୍ୟ ମାନେ ଶିବିର ପରିଚାଳନା ରେ ସହାୟତା ପ୍ରଦାନ କରିଥିଲେ।

# ନଭେମ୍ବର ୮ରୁ ମା' ଶ୍ୟାମାକାଳୀଙ୍କ ବାର୍ଷିକ ମହୋତ୍ସବ




କଟକ, (ମହାଭାରତ): ଶିଖରପୁର ନଦୀକୂଳସାହି କାଳିଆବୁଦାସ୍ଥିତ ମା' ଶ୍ୟାମାକାଳୀଙ୍କ ପୀଠରେ ବାର୍ଷିକ ମହୋତ୍ସବ-୨୦୨୬ ଓ ପଞ୍ଚଦଶତମ ଅଖଣ୍ଡ ଭଜନ ସମାରୋହ ଆସନ୍ତା ନଭେମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପି ମହାଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହେବ। ଏହି ଉପଲକ୍ଷେ ରବିବାର ଦିନ ମନ୍ଦିର ପରିସରରେ ମା' ଶ୍ୟାମାକାଳୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତଃ ଜଗବନ୍ଧୁ ମହାନ୍ତିଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରସ୍ତୁତି ବୈଠକ ଆରମ୍ଭ କରିଥିଲେ।କମିଟିର ସଭାପତି ସୁକଦେବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକକୁ ସାହି ମୁରବୀ ଶରତ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ମହୋତ୍ସବର ପ୍ରଥମ ଦିନ ନଭେମ୍ବର ୮ ତାରିଖ ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଅଖଣ୍ଡ ଭଜନ ସମାରୋହ ଓ ସାମୂହିକ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୯ ତାରିଖରେ ଶିଶୁ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ। ସେହିପରି ୧୦ ତାରିଖରେ ୨୨ଟି ଦିଗଭାଗର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ। ଏହି ଅବସରରେ ଜନପ୍ରତିନିଧି, ପୂଜା କମିଟି ଓ ସାହି ପୂଜା କମିଟିର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସାମାଜିକ ସଂଗଠନ, ସାମାଜିକ କର୍ମୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିବା ମନ୍ଦିର ପରିଚାଳନା କମିଟିର ମୁଖ୍ୟ ପରିଚାଳକ ଅଶୋକ କୁମାର ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ବୈଠକରେ ବିଜେପିର ବରିଷ୍ଠ ନେତା ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ପାଦକ ସରୋଜ କୁମାର ମହାନ୍ତି, ମୁରବୀ ରବିନାରାୟଣ ଶତପଥୀ, ଲକ୍ଷ୍ମୀଧର ମହାନ୍ତି, ଭାଗିରଥି ଦଳେଇ, ଜୟନ୍ତ କୁମାର ପ୍ରଧାନ, ବିଭୂତି ପରିଡ଼ା, ଭାରତ ଭୂଷଣ ସ୍ୱାଇଁ, ଶିବପ୍ରସାଦ ଗୋଛି, ବିଘ୍ନ ପ୍ରଧାନ, ବସନ୍ତ ସ୍ୱାଇଁ, ନବକିଶୋର ନନ୍ଦୀ, ଭାସ୍ୱତ ସ୍ୱାଇଁ, ବିରେନ୍ଦ୍ର ସ୍ୱାଇଁ, ପ୍ରକାଶ ପରିଡ଼ା, ବସନ୍ତ ମହାନ୍ତି, ରଶ୍ମି ମିଶ୍ର, କର୍ପୋରେଟର ଇଂ. ସୁବ୍ରତ ଘଡ଼େଇ, ପୂର୍ବତନ କର୍ପୋରେଟର ଚିରଞ୍ଜୟ ସାହୁ, ଆଶୁତୋଷ ମହାନ୍ତି, ସମରେନ୍ଦ୍ର ସ୍ୱାଇଁ, ଅଭିଜିତ ସ୍ୱାଇଁ, ରୁଦ୍ର ବିଶ୍ୱାଳ ଓ ଚାଉଳିଆଗଞ୍ଜ ଥାନା ଅଧିକାରୀ ରୀନାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗଣେଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।ଆଶୁତୋଷ ମହାନ୍ତି, ସମରେନ୍ଦ୍ର ସ୍ୱାଇଁ, ଅଭିଜିତ ସ୍ୱାଇଁ ଓ ରୁଦ୍ର ବିଶ୍ୱାଳ ସହଯୋଗ କରିଥିଲେ। ନଭେମ୍ବର ୮ରୁ ୧୦ତାରିଖ ୩ଦିନ ବ୍ୟାପୀ ଶାନ୍ତିଶୃଙ୍ଖଳାର ସହ କାର୍ଯ୍ୟକ୍ରମ ସମାପନ ପାଇଁ ସମସ୍ତ ପ୍ରକାର ସହଯୋଗ ରହିବ ବୋଲି ଥାନା ଅଧିକାରୀ ରୀନା ମିଶ୍ର କମିଟିକୁ ଜଣାଇଥିବାରୁ ଅଞ୍ଚଳର ମୁରବୀ କୃତଜ୍ଞତା ଜ୍ଞାପନ କରିଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ପାଟଣା ବିଭିନ୍ନ ସ୍ଥାନ ମା ଗଜଲକ୍ଷ୍ମୀ ପୂଜା



ପାଟଣା:-(ମହାଭାରତ)ଆଜି ପଲ୍ଲୀ ରୁ ସହର ଚଳଞ୍ଚଳ ହୋଇ ଉଠୁଛି। ମା ଗଜଲକ୍ଷ୍ମୀ ପୂଜା ପୂଜା ପାଉ ଛନ୍ତି। ଏହି ପରି କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳ ରେ ପୂଜା ପାଇ ଛନ୍ତି ମା ଗଜଲକ୍ଷ୍ମୀ । ବିଭିନ୍ନ ଗ୍ରାମ ମଣ୍ଡପ ଠୁ ସହର ଯାଏ ମା ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇ ଛି। ସେହି ପରି ପାଟଣା ଅଞ୍ଚଳ ବଡ଼ପାଟଣା, ସଅଁରାପଶି,ମଙ୍ଗଳପୁର,ସାନଜାମୁପଶି, ଅଙ୍କୁରା, ଡିଆନାଳି,ସ୍ୱାମ,ଗୁଲୁଦିପଶି ଦହିବାହାଳୀ,ମଧୁପୁର,ପୁଟୁଳିଆ ପ୍ରଭୃତି ଗ୍ରାମରେ ମା ଗଜଲକ୍ଷ୍ମୀ ଙ୍କ ପୂଜା ଅନୁଷ୍ଠିତ ହୋଇ ଛି। ଗ୍ରାମ ର ମହିଳା ମାନେ ଡାଲା ରେ ପୁଷ୍ପ,ଦୀପ,ଧୂପ,ନଡିଆ, କଦଳୀ ନାବତ୍ୟ ଧରି ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି।

## ଜଙ୍ଗଲ ଜମିରେ ବେଆଇନ ଗଞ୍ଜେଇ ଚାଷ, ୨ ହଜାରରୁ ଊର୍ଦ୍ଧ୍ୱ ଗଛ ନଷ୍ଟ, ଜଣେ ଗିରଫ

କାଲିମେଳା,(ମହାଭାରତ) : ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ପାପଲୁର ପଞ୍ଚାୟତର ନାଗାଲୁର ଗ୍ରାମ ନିକଟ ଜଙ୍ଗଲ ଜମିରେ ବେଆଇନ ଗଞ୍ଜେଇ ଚାଷ ଉପରେ କାଲିମେଳା ପୋଲିସ ବଡ଼ ଧରଣର ଚଢ଼ାଉ କରିଛି । ଏହି ଘଟଣାରେ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ନାଗାଲୁର ଗ୍ରାମର କଟିଆ ନାଇଡୁ (୩୦) । ମିଳିଥିବା ସୂଚନା ଅନୁଯାୟୀ, ନାଗାଲୁର ନିକଟ ଜଙ୍ଗଲରେ ବେଆଇନ ଭାବେ ଗଞ୍ଜେଇ ଚାଷ ଚାଲିଥିବା ନେଇ କାଲିମେଳା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା । ଏନେଇ ମାଲକାନଗିରି ଏସପିଙ୍କ ନିର୍ଦ୍ଦେଶକ୍ରମେ କାଲିମେଳା ଥାନା ଅଧିକାରୀ ପ୍ରଭୁଦତ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ନାଗାଲୁର ଗ୍ରାମରେ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ପ୍ରାୟ ୨ ଏକର ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ ହେଉଥିବା ଦେଖିବାକୁ ମିଳିଥିଲା । ପୋଲିସ ଘଟଣାସ୍ଥଳରେ ୨ ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛକୁ କାଟି ନିଆଁ ଲଗାଇ ନଷ୍ଟ କରିଦେଇଛି । ଏହି ବେଆଇନ କାରବାର ପଛରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି ।

## ଶିଙ୍ଗିପୁର ଗ୍ରାମରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ଉପରେ ପୋଲିସ ଓ ରାଜସ୍ୱ ବିଭାଗର ମିଳିତ ଚଢ଼ାଉ

ଗଜପତି(ମହାଭାରତ): ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ କେ. ସୀତାପୁର ଗ୍ରାମ ପଞ୍ଚାୟତର ଶିଙ୍ଗିପୁର ଗ୍ରାମରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି ଚାଲିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା । ଏହି ସୂଚନା ଆଧାରରେ ଗଜପତିଙ୍କ ଆଦେଶ ଅନୁଯାଏ ଆଜି ତା. ୨୫.୧୦.୨୦୨୬ ରିଖ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ମିଳିତ ଚଢ଼ାଉ କରାଯାଇଥିଲା । ପାରଳାଖେମୁଣ୍ଡି ଏସ୍.ଡି.ପି.ଓ. ଶ୍ରୀ ମାଧବାନନ୍ଦ ନାୟକଙ୍କ ତତ୍ତ୍ୱାବଧାନରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି, ଏସ୍ ?.ଆଇ. ପ୍ରିୟବ୍ରତ ସ୍ୱାଇଁ, ଏସ୍.ଆଇ. ପି. ଜଗରଙ୍ଗା, କେ. ସୀତାପୁର ରାଜସ୍ୱ ନିରୀକ୍ଷକ, ଏକ ସେକ୍ସନ୍ ଏ.ପି.ଆର ଫୋର୍ସ ଏବଂ ଥାନାର ଅନ୍ୟାନ୍ୟ ପୋଲିସ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଚଢ଼ାଉ ସମୟରେ ୧୫ଟି ବେଆଇନ ଦେଶୀ ମଦ ରନ୍ଧା ସ୍ଥାନ ଠାବ କରାଯାଇଥିଲା। ସେଠାରୁ ପ୍ରାୟ ୮୭୫ କିଲୋଗ୍ରାମ ମହୁଲ ପୋଚ (୩୫ ବସ୍ତା), ୧୦୦ ଲିଟର ପ୍ରସ୍ତୁତ ଦେଶୀ ମଦ, ୨ଟି ଆଲୁମିନିୟମ ବାସନ, ୫ଟି ମାଟି ହାଣ୍ଡି ଏବଂ ମଦ ପ୍ରସ୍ତୁତିରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଠାବ କରାଯାଇଥିଲା। ଆବଶ୍ୟକ ନମୁନା ସଂଗ୍ରହ ଓ ଆଇନଗତ ପ୍ରକ୍ରିୟା ପରେ ବିପୁଳ ପରିମାଣର ମହୁଲ ପୋଚକୁ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। ପୋଲିସକୁ ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଅପମିଶ୍ରିତ ଓ ବିଷାକ୍ତ ହୋଇପାରୁଥିବା ଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି, ଯାହା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ଜୀବନ ପ୍ରତି ଗୁରୁତର ବିପଦ ସୃଷ୍ଟି କରିପାରେ । ୧୫ ଜଣ ନାମିତ ଅଭିଯୁକ୍ତ ଓ ଅନ୍ୟ ଅଜଣା ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତମାନଙ୍କୁ ଠାବ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଦୃଷ୍ଟିରୁ ବେଆଇନ ଓ ଅପମିଶ୍ରିତ ମଦ ପ୍ରସ୍ତୁତି ଏବଂ ବିକ୍ରି ବିରୋଧରେ ଗଜପତି ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ ଆଗକୁ ମଧ୍ୟ ଜାରି ରହିବ। ବୋଲି ଆଦର୍ଶ ଥାନା, ପାରଳାଖେମୁଣ୍ଡି ପକ୍ଷ ରୁ ଗଣ ମଧ୍ୟମ କୁ ସୂଚନା ପ୍ରଦାନ କରାଯାଇଛି।

## ଧରାପଡ଼ିଲା ମୋବାଇଲ୍ ଟାୱାର ବ୍ୟାଟେରି ଚୋରି ଗ୍ୟାଙ୍ଗ

ଚିତ୍ରଡା: ବିଭିନ୍ନ ସମୟରେ ମୟୂରଭଞ୍ଜ ଜିଲ୍ଲାର ମୋବାଇଲ ଟାୱାରଗୁଡ଼ିକରୁ ଦାମୀ ବ୍ୟାଟେରିଗୁଡ଼ିକୁ ଦୁର୍ବୃତ୍ତମାନେ ଚୋରି କରି ନେଉଥିଲେ। ଏହା ପୁଲିସ ନିମନ୍ତେ ଏକ ବଡ଼ ଚାଲେଞ୍ଜ ଥିଲା। ଆଜି ଅନେକ ଅନୁସନ୍ଧାନ ପରେ ମୋରଡ଼ା ପୁଲିକୁ ଏକ ବଡ଼ ସଫଳତା ମିଳିଛି। ଚୋରିକରୁଥିବା ଦୁର୍ବୃତ୍ତଙ୍କ ଗ୍ୟାଙ୍ଗ୍‌କୁ ଧରିବାରେ ସଫଳ ହୋଇଛି। ଏହା ସହ ଚୋରି ହୋଇଥିବା ବ୍ୟାଟେରିଗୁଡ଼ିକୁ ମଧ୍ୟ ଉଦ୍ଧାର କରାଯାଇଛି। ଏହି ଘଟଣାରେ ତିନିଜଣଙ୍କୁ ଗିରଫ କରାଯାଇଛି। ଚଳିତ ମାସ ୨୧ ତାରିଖରେ ମୋରଡା ଥାନା ଅଧୀନ ଖୁରୁଣ୍ଟିଆ ଗ୍ରାମରେ ଥିବା ଏକ ମୋବାଇଲ ଟାୱାରରୁ ୨୪ ଗୋଟି ବ୍ୟାଟାରି ଚୋରି ହୋଇଥିଲା। ଅଭିଯୋଗ ଭିତ୍ତିରେ ମୋରଡ଼ା ଥାନା ଅଧିକାରୀ ସୁମିତ କୁମାର ସରେନଙ୍କ ନେତୃତ୍ୱରେ ଘଟଣାର ଅନୁସନ୍ଧାନ ଆରମ୍ଭ ହୋଇଥିଲା। ଶେଷରେ ବାଲେଶ୍ୱରଜିଲ୍ଲା ରାଇବଣିଆ ଥାନା ଅଞ୍ଚଳରୁ ଚୋରି ହୋଇଥିବା ୨୪ ଟି ବ୍ୟାଟେରୀ କୁ ଉଦ୍ଧାର କରାଯାଇଥିଲା।

# କଳିଙ୍ଗା ଘାଟିରେ ଭୂସ୍ଖଳନ ସ୍ଥଳ ଏବଂ ରାସ୍ତା ଅନୁଧାନ କଲେ ଦିଲ୍ଲୀ ଆଇଆଇଟିର ବିଶେଷଜ୍ଞ ଦଳ




ଘୁ.ଉଦୟଗିରି:କନ୍ଧମାଳ ଜିଲ୍ଲାର କଳିଙ୍ଗା ଘାଟିରେ ଲଗାଣ ବର୍ଷା ଯୋଗୁଁ ଦୁଇ ଦୁଇ ଥର ହୋଇଥିବା ଭୂସ୍ଖଳନ ସ୍ଥିତିର ଅନୁଧାନ କରିବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ବୈଷୟିକ ପରାମର୍ଶ ଦେବା ନିମନ୍ତେ ଆଇଆଇଟି ଦିଲ୍ଲୀର ତିନିଜଣ ପ୍ରଫେସରଙ୍କ ଏକ ବିଶେଷଜ୍ଞ ଦଳ କଳିଙ୍ଗା ଘାଟି ପରିଦର୍ଶନ କରିଛନ୍ତି। ଏଚ୍‌ଏମ୍‌ବିଏସ୍। ଟେକ୍ସଟାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହି କାର୍ଯ୍ୟ କରିବା ନିମନ୍ତେ ଦାୟିତ୍ୱ ପାଇଥିବା ବେଳେ ଆଜି ଏହି ଆଇଆଇଟି ବିଶେଷଜ୍ଞ ଦଳ କଳିଙ୍ଗା ଘାଟି ପହଞ୍ଚି ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲେ। ଆଇଆଇଟି ଦିଲ୍ଲୀର ପ୍ରଫେସର ଜି.ଭି. ରମଣ, ପ୍ରଫେସର ପ୍ରଶାନ୍ତ ଭାଙ୍ଗ୍ଲା ଏବଂ ପ୍ରଫେସର ସୁମିତ ସିହ୍ନା କଳିଙ୍ଗା ଘାଟି ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ସେମାନେ ଘାଟିରେ ହୋଇଥିବା ଭୂସ୍ଖଳନର ସ୍ଥିତି ଏହାର କାରଣ ଏହାର ନିରାକରଣ ଅନୁଧାନ କରିବା ସହ ଏ ସମ୍ପର୍କରେ ଏକ ବୈଷୟିକ ରିପୋର୍ଟ ପ୍ରସ୍ତୁତ କରି ଅଧିକାରୀଙ୍କୁ ପ୍ରଦାନ କରିବେ। ଏହି ପ୍ରକଳ୍ପ ଅନ୍ତର୍ଗତ ଜାତୀୟ ରାଜପଥ-୧୫୭ର ୮୬ / ୩୩୦ ମିଟରରୁ ୮୬/ ୬୧୫ ମିଟର ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀ କରଣ, ଭୂସ୍ଖଳନ ଜନିତ ବିପଦ ହ୍ରାସ ଏବଂ ୮୬ / ୭୦୦ ମିଟର ଠାରେ ଥିବା ଏକ ଛୋଟ ପୋଲର ପୁନଃନିର୍ମାଣ ଯୋଜନା ରହିଛି। ଏଥିରେ ଅଭିନବ ରିଇନଫୋର୍ସଡ୍ ଆର୍ଥ କମ୍ପୋଜିଟ୍ ? ବା ହାଇବ୍ରିଡ୍ ପ୍ରଣାଳୀ ବ୍ୟବହାର କରାଯିବା ପ୍ରସ୍ତାବ ରହିଛି।ବିଶେଷଜ୍ଞ ଦଳର ଗସ୍ତ ସମୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ବୈଷୟିକ ଆଲୋଚନା କରିଥିଲେ। ଭୂସ୍ଖଳନ ସମସ୍ୟାର ସମାଧାନ ଏବଂ ଆଗାମୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା।ଏହି ଗସ୍ତ ସମୟରେ ସିସିଇ ବ୍ରହ୍ମପୁର ପ୍ରକାଶ ବେହେରା ଏବଂ ସହକାରୀ ଯନ୍ତ୍ରୀ ସତିଶ ପଟେଲ,ଯନ୍ତ୍ରୀ ସୌରଭ ମହାନ୍ତି, ଓ ରେଢ଼ାଖୋଲ ଏସଡିଓ ପ୍ରଶାନ୍ତ କୁମାର ସାହୁ ଉପସ୍ଥିତ ରହିବସହଯୋଗ କରିଥିଲେ। କଳିଙ୍ଗା ଘାଟିରେ ଭୂସ୍ଖଳନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଶେଷଜ୍ଞଙ୍କ ଏହି ଅନୁଧାନ ଗୁରୁତ୍ୱପୂର୍ଣ୍ଣ ବୋଲି ଆଶା କରାଯାଉଛି। ଭବିଷ୍ୟତରେ କଳିଙ୍ଗା ଘାଟି ରାସ୍ତାର ସ୍ଥାୟୀ ନିରାକରଣ ବିପଦମୁକ୍ତ ଯାତାୟତ ରେ ବିଶେଷଜ୍ଞ ମାନଙ୍କ ଆଜିର ଗସ୍ତ ବେଶ ସହାୟକ ହେବ।

## ନିଅଣ୍ଟିଆ ବର୍ଷା ଓ ଟାଣ ଖରାରେ ମଉଳୁଛି ଧାନଗଛ, ଚିନ୍ତାରେ ଚାଷୀ

ବାଲିଶଙ୍କରା: ଆଗରୁ ଅତ୍ୟଧିକ ବର୍ଷା ଚାଷକାମରେ ବାଧା ସୃଷ୍ଟି କଲା। ଏବେ ନିଅଣ୍ଟିଆ ବର୍ଷା ଓ ଟାଣ ଖରା ଧାନଚାଷ ପାଇଁ ସଙ୍କଟ ଆଣିଛି। ରାଜ୍ୟରେ ସରକାର ସିନା ବଳଦିଲା। ହେଲେ ଚାଷୀମାନେ ଏବେ ମଧ୍ୟ ସରକାରୀ ବ୍ୟବସ୍ଥାରେ ଚାଷଜମିରେ ପାଣି ପାଇପାରୁ ନାହାଁନ୍ତି। ଇନ୍ଦ୍ରଙ୍କ ଭରସାରେ ଚାଷ କାମ ହେଉଛି। ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକର ୧୯ଟି ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ବର୍ଷା ଅଭାବରୁ ଚାଷଜମି ଶୁଖିବା ସହ ଧାନଗଛ ମଉଳିବାକୁ ବସିଲାଣି। ଫଳରେ ଚଳିତ ଖରିଫ ଧାନଚାଷର ଅମଳକୁ ନେଇ ଚାଷୀଙ୍କ ମନରେ ଆଶଙ୍କା ବଢ଼ିଛି। ଚାଷୀଙ୍କ କହିବା ଅନୁଯାୟୀ, ଚଳିତ ବର୍ଷ ପ୍ରାରମ୍ଭରେ ଅତ୍ୟଧିକ ବର୍ଷା ଯୋଗୁଁ ଅନେକ ଚାଷଜମିରେ ପାଣି ଜମି ରହିଥିଲା। ଏଥିପାଇଁ ଠିକ୍ ସମୟରେ ଚାଷକାମ ଆଗେଇ ପାରିନଥିଲା। ବିଶେଷକରି ଖାଲ ଓ ବାହାଲ ଜମିରେ ଧାନଚାଷ ବିଳମ୍ବ ହୋଇଥିଲା। ଅନ୍ୟପକ୍ଷରେ ଢିପ ଜମିରେ ଧାନ ଅମଳ କାର୍ଯ୍ୟ ଚାଲିଥିବାବେଳେ ବିଳମ୍ବରେ ଚାଷ ହୋଇଥିବା ଜମିଗୁଡ଼ିକ ଏବେ ବର୍ଷା ଅଭାବର ସମ୍ମୁଖୀନ ହେଉଛି। ଗତ ପ୍ରାୟ ଏକ ମାସ ହେବ ଆବଶ୍ୟକ ବର୍ଷା ହୋଇନଥିବାରୁ ଜମିର ମାଟି ଶୁଖି ଫାଟିବା ଆରମ୍ଭ କରିଛି। ଏହା ସହିତ ଟାଣ ଖରା ଯୋଗୁଁ ଧାନଗଛର ବୃଦ୍ଧି ବାଧାପ୍ରାପ୍ତ ହେବା ସହ ଗଛଗୁଡ଼ିକ ମଉଳିବାକୁ ଲାଗିଛି। ସମୟ ମଧ୍ୟରେ ବର୍ଷା ନହେଲେ ଧାନ ଅମଳ ହ୍ରାସ ପାଇବା ସହ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଚାଷ ଉପରେ ନିର୍ଭରଶୀଳ ଚାଷୀଙ୍କ ପାଇଁ ଏହି ପରିସ୍ଥିତି ଚିନ୍ତାର କାରଣ ପାଲଟିଛି। ଚାଷ ପାଇଁ ଖର୍ଚ୍ଚ କରିଥିବା ଅର୍ଥ ଫେରିପାଇବା ନେଇ ମଧ୍ୟ ସେମାନେ ଆଶଙ୍କାରେ ଅଛନ୍ତି। ଏଭଳି ସ୍ଥିତିରେ କୃଷି ବିଭାଗ ଓ ପ୍ରଶାସନ ପକ୍ଷରୁ ବାଲିଶଙ୍କରା ବ୍ଲକର ୧୯ଟି ପଞ୍ଚାୟତର ଚାଷଜମି ପରିଦର୍ଶନ କରି ବର୍ଷା ଅଭାବଜନିତ କ୍ଷୟକ୍ଷତିର ଆକଳନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ନିୟମ ଅନୁଯାୟୀ କ୍ଷତିପୂରଣ ଓ ଆବଶ୍ୟକ କୃଷି ସହାୟତା ଯୋଗାଇଦେବା ସହ ଚାଷଜମିକୁ ଜଳ ଯୋଗାଣର ବ୍ୟବସ୍ଥା କରିବାକୁ ଚାଷୀମହଲରୁ ଦାବି ହୋଇଛି।

## ଢେଙ୍କାନାଳ ବାରଦା ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ
### ଘର ଓ ଗାଡ଼ି ଭଙ୍ଗାରୁଜା ଅଭିଯୋଗ; ପୁଲିସ ମୁତୟନ



ଢେଙ୍କାନାଳ: ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ବାରଦା ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ। ବାରଦା ହରିଜନ ସାହିରେ ପୁଲିସ୍ ଉପସ୍ଥିତିରେ ଢେଲା ମାଡ ସାଙ୍ଗକୁ ଗାଡ଼ି ଭଙ୍ଗାରୁଜା ଓ କିଛି ଘର ମଧ୍ୟ ଭାଙ୍ଗି ଦିଆ ଯାଇଥିବା ଅଭିଯୋଗ ହୋଇଛି।ଅଭିଯୋଗ ମୁତାବକ ବାରଦା ଗ୍ରାମର ସବର୍ଣ୍ଣ ଗୋଷ୍ଠୀର ତିନି ସାହି ପକ୍ଷରୁ ମିଳିତ ଭାବରେ ଦୁର୍ଗାପୂଜା ଭସାଣି ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ବଚସା ତୀବ୍ର ହେବା ପରେ ଉଭୟ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଥିଲେ। ଯେଉଁଥିରେ ଉଭୟ ସବର୍ଣ୍ଣ ଓ ଅସବର୍ଣ୍ଣ ଗୋଷ୍ଠୀର ୧୦ରୁ ଅଧିକ ଯୁବକ ଆହତ ହୋଇଥିଲେ ।ଏହାକୁ କେନ୍ଦ୍ର କରି ସଦରଥାନା ରେ ଉଭୟ ପକ୍ଷ ଲିଖିତ ଅଭିଯୋଗ କରିଥିଲେ। ଆଜି ତାହାର ଆପୋଷ ସମାଧାନ ହେବାର ଥିଲା । କିନ୍ତୁ ତା ପୂର୍ବରୁ ସବର୍ଣ୍ଣ ଗୋଷ୍ଠୀର ଶତାଧିକ ଲୋକ ହରିଜନ ସାହିରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। କିଛି ଶିଶୁ ଓ ମହିଳାଙ୍କୁ ମଧ୍ୟ ନିସ୍ତୁକ ମାଡ଼ ମାରିଥିବା ମଧ୍ୟ ଅଭିଯୋଗ ହୋଇଛି। ଖବରପାଇ ଘଟଣାସ୍ଥଳରେ ସଦରଥାନା ପୁଲିସ୍ ପହଞ୍ଚି ଅଧିକ ତଦନ୍ତ କରିବା ସହ ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ପୁଲିସ୍ ଛାଉଣି କରାଯାଇଛି।

## ବୈଶିଙ୍ଗାରେ ସିରିଜ୍ ଚୋରି, ଛେଳି ଠାରୁ ଟ୍ରାନ୍ସଫର୍ମର ସବୁ ଉଠାଇନେଲେ

ବୈଶିଙ୍ଗା: ଗତକାଲି ବିଳମ୍ବିତ ରାତିରେ ବୈଶିଙ୍ଗା ଅଞ୍ଚଳରେ ସିରିଜ୍ ଚୋରି ହୋଇଛି। ୪ଟି ଟ୍ରାନ୍ସଫର୍ମରରୁ କୋର ଓ କଏଲ୍ ଚୋରି ହୋଇଥିବା ବେଳେ ଦାମୀ କାରରେ ଆସି ଗୁହାଳରୁ ଛେଳି ଚୋରି ହୋଇଥିବା ସିସିଟିଭିରେ ଧରାପଡ଼ିଛି। ଏପରିକି ସ୍ୱଷ୍ଟ ଦିବାଲୋକରେ ଥାନାଠାରୁ ମାତ୍ର ୫୦ ମିଟର ଦୂରରେ ମୁଖ୍ୟ ବଜାରରୁ ଜଣେ ବୃଦ୍ଧଙ୍କ ବାଇକ୍ ଲୁଟ୍ ହୋଇଥିବା ଅଭିଯୋଗ।ବୈଶିଙ୍ଗା ବିଦ୍ୟୁତ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରୁ ଦୁଇଟି ଟ୍ରାନ୍ସଫର୍ମର ସମେତ ମହୁରୀ ଓ ପଣଶିଆ ଉପକଣ୍ଠ ଅଠାବାଟିଆ ସ୍ଥିତ ସବ୍‌ଷ୍ଟେସନ୍‌ରୁ ଟ୍ରାନ୍ସଫର୍ମର କୋର ଓ କଏଲ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି।

## ଧୂମାଧାମ ରେ ପାଳିତ ହେଲା ଗଜଲକ୍ଷ୍ମୀ ପୂଜା

ଦଶପଲ୍ଲା,(ମହାଭାରତ )ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ଲକ୍ଷ୍ମୀ ବଜାର ଠାରେ ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ କୁ ୬୬ ବର୍ଷ ରେ ପଦାର୍ପଣ କରିଛି ।୧୯୬୦ ମସିହା ଠାରୁ ପାରମ୍ପରିକ ଭାବେ ବଜାର ପୂଜା ହୋଇ ଆସୁଛି। ଦୀର୍ଘ ବର୍ଷ ଧରି ପୂଜା ହୋଇ ଆସୁଥିବାରୁ ବ୍ୟବସାୟୀ ଙ୍କ ମଧ୍ୟ ରେ ଅପୂର୍ବ ଆନନ୍ଦ ଦେଖିବାକୁ ମିଳିଛି ।ମା ’ ଙ୍କ ପ୍ରତ୍ୟୁଷ ରୁ କୁଂଆରିଆ ନଦୀ ରୁ ପବିତ୍ର ଜଳ କଳସ ଶୋଭାଯାତ୍ରା ରେ ଆଣି ମନ୍ଦିର ରେ ସ୍ଥାପନ କରାଯାଇଥିଲା। ନିର୍ଦ୍ଧାରିତ ସମୟ ରେ ବ୍ରାହ୍ମଣ ଅଶୋକ ମିଶ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ପୂଜା ଓ ହୋମ କରାଯାଇଥିଲା। କର୍ତ୍ତା ଭାବେ ପ୍ରଫୁଲ୍ଲ କୁମାର ପ୍ରଧାନ ଓ ପତ୍ନୀ ସସ୍ମିତା ପ୍ରଧାନ କାର୍ଯ୍ୟ ତୁଲାଇ ଥିଲେ। ଅନୁଷ୍ଠାନ ର ସଭାପତି ଅଲେଖ ସାହୁ ଙ୍କ ସଭାପତିତ୍ୱ ରେ ମହାବୀର ବଣିକ ମହାସଂଘ ର ସହଯୋଗୀ ୧୪ ଗୋଟି ବଜ଼ାର ର କାର୍ଯ୍ୟକର୍ତା ବନ୍ଧୁ ମିଳନ ଉତ୍ସବ ରେ ଅଂଶ ଗ୍ରହଣ କରିଥିଲେ। ଆଗାମୀ ବର୍ଷ ପାଇଁ ରଙ୍ଗୀନ ସଚିତ୍ର କ୍ୟାଲେଣ୍ଡର ପ୍ରକାଶନ, ପୁରାତନ ନାରାୟଣଗଞ୍ଜ ସାପ୍ତାହିକ ହାଟ ର ଶ୍ରୀ ବୃଦ୍ଧି, ଦଶପଲ୍ଲା ସହର ରେ ଥିବା ବିଭିନ୍ନ ବଜାର ରେ ଭେଣ୍ଡିଙ୍ଗ ଜୋନ୍ ସ୍ଥାପନ, ଦଶପଲ୍ଲା କୁ ରାଜସ୍ୱ ଉପଖଣ୍ଡ ର ମାନ୍ୟତା, ସହର ର ଡ୍ରେନେଜ ଓ ରାସ୍ତା ବ୍ୟବସ୍ଥା ରେ ସୁଧାର ଆଣିବା,ପ୍ରତି ଜନ ଗହଳି ବଜାର ରେ ସୁଲଭ ଶୌଚାଳୟ ନିର୍ମାଣ ଉପରେ ଗୁରୁତ୍ୱ ଦିଆ ଯାଇଥିଲା ।ଅତିଥି ଭାବେ ମହାସଂଘ ର ଉପଦେଷ୍ଟା ମଣ୍ଡଳୀ ଓ କର୍ମକର୍ତା ଅଂଶ ଗ୍ରହଣ କରିଥିଲେ ।ଏହି ଅବସର ରେ ବଜ଼ାର ବର୍ଷୀୟାନ ବ୍ୟବସାୟୀ ରବୀନ୍ଦ୍ର କୁମାର ସାହୁଙ୍କ ମରଣୋତ୍ତର ସମ୍ମାନ ରେ ତାଙ୍କ ପୁଅ ଲଳିତ କୁମାର ସାହୁ ଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଶିଶିର ବାରିକ, ଉପ ସଭାପତି ଅନିଲ କୁମାର ରାୟ, କୋଷାଧକ୍ଷ ରମେଶ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ ।ସଂଧ୍ୟା ସମୟରେ ଆଗନ୍ତୁକ ଭକ୍ତ ଙ୍କ ଉଦେଶ୍ୟ ରେ ସନ୍ତୋଷ କୁମାର ସାହୁ ରାମ ଖେଚେଡ଼ା ପ୍ରସାଦ କରି ବଣ୍ଟନ କରିଥିଲେ ।ଅନୁରୂପ ଭାବେ ଦଶପଲ୍ଲା ର ମହାବୀର ମନ୍ଦିର ସମ୍ମୁଖ ରେ ମା ଲକ୍ଷ୍ମୀଙ୍କ ପୂଜା ବଡ଼ ଆଡମ୍ବରରେ ଆୟୋଜନ କରାଯାଇଥିବା ବେଳେ କୁଆଁରିଆ ଛକ ଠାରେ ମଧ୍ୟ ଗଜ ଲକ୍ଷ୍ମୀ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

## ସ୍ତ୍ରୀକୁ ଲୁହା ରଡ୍‌ରେ ପିଟି ପିଟି ଜୀବନ ନେଲା ସ୍ୱାମୀ

ଯାଜପୁର : ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ବଞ୍ଜା ଗାଁରେ ଅଘଟଣ । ମାନସିକ ଭାରସାମ୍ୟ ହରାଇ ସ୍ତ୍ରୀକୁ ଲୁହା ରଡରେ ପିଟି ପିଟି ହତ୍ୟା କଲା ସ୍ୱାମୀ । ମୃତକ ହେଲେ ସହରୁଣି ମଲିକ ।ସୁକିନ୍ଦା ଥାନା ବଞ୍ଜା ଗାଁର ମଦନ ମଲିକ କିଛି ଦିନ ହେବ ମାନସିକ ରୋଗ ପାଇଁ ଔଷଧ ଖାଉଥିଲେ । ୬ରୁ ୭ ଦିନ ହେବ ତାଙ୍କର ଔଷଧ ସରିଯାଇଥିଲା । ଯେଉଁଥିରେ ଲାଗି ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ । ଶନିବାର ବିଳମ୍ବିତ ରାତିରେ ଗାଁରେ ମଦନ ମଲିକ ମାନସିକ ଭାରସାମ୍ୟ ହରାଇ ତାଙ୍କ ସ୍ତ୍ରୀ ସହରୁଣି ମଲିକଙ୍କୁ ଏକ ଲୁହା ରଡରେ ଆକ୍ରମଣ କରିଥିଲେ । ଏହାପରେ ସଙ୍ଗେ ସଙ୍ଗେ ସହରୁଣୀଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥା ଉଦ୍ଧାର କରି ସୁକିନ୍ଦା ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଏହି କାଣ୍ଡ ଘଟାଇବା ପରେ ମଦନ ମଧ୍ୟ ଅଚେତ ହୋଇଯାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଛନ୍ତି । ପରିବାର ପକ୍ଷରୁ ସୁକିନ୍ଦା ଥାନାରେ ଅଭିଯୋଗ ପରେ ପୋଲିସ ପହଞ୍ଚି ସହରୁଣୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ବଣାଇଁ ବନଖଣ୍ଡରେ ବନ ବିଭାଗର ସ୍ୱତନ୍ତ୍ର ଅଭିଯାନ
# ଡ୍ରୋନ୍ ଖୋଜୁଛି ଗଞ୍ଜେଇ, ଅଫିମ ଚାଷ



ରାଉରକେଲା: ସୁନ୍ଦରଗଡ଼କୁ ନିଶାର ହବ୍ କରିଛନ୍ତି ପଡ଼ୋଶୀ ଝାଡ଼ଖଣ୍ଡର ନିଶା ମାଫିଆ । ଆଦିବାସୀଙ୍କ ସରଳତାର ଫାଇଦା ନେଇ ଉପାନ୍ତ ଅଞ୍ଚଳର ଜମି ହାତଉଛନ୍ତି । ସେଠାରେ ଗଞ୍ଜେଇ, ଅଫିମ ଚାଷ କରୁଛନ୍ତି । ଗଛ ଲଗାଇବାଠାରୁ ଫସଲ ଅମଳ ପର୍ଯ୍ୟନ୍ତ ଏଥିରେ ବିଧିବଦ୍ଧ ଭାବେ ଏକ ନେଟ୍‌ୱର୍କ କାମ କରୁଛି । ନିଶା ମାଫିଆଙ୍କ ଷଡ଼ଯନ୍ତ୍ର ପଦାରେ ପଡ଼ିବା ପରେ ବନ ବିଭାଗ ପକ୍ଷରୁ ବଣାଇଁ ବନଖଣ୍ଡରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ । ଘଞ୍ଚ ଜଙ୍ଗଲର ଆକାଶମାର୍ଗରେ ଡ୍ରୋନ୍ ବୁଲୁଛି । ବନ କର୍ମଚାରୀମାନେ ଗଞ୍ଜେଇ, ଅଫିମ ଚାଷ ଜମି ଠାବ କରିବାକୁ ଜୋର୍ଦାର ଉଦ୍ୟମ ଜାରି ରଖିଛନ୍ତି । ବଣାଇଁ ଉପଖଣ୍ଡର ଲହୁଣିପଡ଼ା, ଗୁରୁଣ୍ଡିଆ, କୋଇଡ଼ାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବିପୁଳ ପରିମାଣର ଅଫିମ ଚାଷ ହେବା ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି । ଗତ ମାର୍ଚ୍ଚରେ ପ୍ରାୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅଫିମ ଚାଷକୁ ନଷ୍ଟ କରାଯାଇଥିଲା । ନିଶା ମାଫିଆମାନେ ଗଞ୍ଜେଇ ଚାଷରେ ଭାଗ୍ୟ ପରଖିବାକୁ ମସୁଧା ଚଳାଇଥିବା ଜଣାପଡ଼ିବାପରେ ବନ ବିଭାଗର ଚିନ୍ତା ବଢ଼ିଛି। ଫସଲ ଅମଳ ପୂର୍ବରୁ ନଷ୍ଟ କରିବା ଉଦ୍ଦେଶ୍ୟରେ ବନ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଡ୍ରାଇଭ । ଏଥିପାଇଁ ୮ଟି ଟିମ୍ ଗଠନ କରାଯାଇଛି । ପ୍ରତି ଟିମ୍‌ରେ ୭ରୁ ୮ଜଣ କର୍ମଚାରୀ ଅଛନ୍ତି । ସମ୍ପୃକ୍ତ ଟିମ୍ ସଦସ୍ୟଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଇଛି । ସେମାନେ ଘଞ୍ଚ ଜଙ୍ଗଲରେ ପଇଁତରା ମାରୁଛନ୍ତି । ହାତୀପଲ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖିବା ସହ କରଡ଼ି ଚାଲାଣ ଏବଂ ନିଷିଦ୍ଧ ନିଶା ଦ୍ରବ୍ୟ ଚାଷ ରୋକିବାକୁ ପାଟ୍ରୋଲିଂ କରୁଛନ୍ତି । ଡ୍ରୋନ୍ ସହାୟତାରେ ଅଫିମ ଓ ଗଞ୍ଜେଇ ଚାଷ ରୋକିବା ଲାଗି କଡ଼ା ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି ବଣାଇଁ ଡିଏଫ୍‌ଓ ଯଶୋବନ୍ତ ସେଠୀ । ସୂଚନାଅନୁସାରେ, ଗତ ଫେବୃଆରୀ ଓ ମାର୍ଚ୍ଚରେ ପଙ୍କଡ଼ିହି, ପୁଣ୍ଡୁପୋଖରୀ ଓ ନୂଆତନ୍ତରା ସଂରକ୍ଷିତ ଜଙ୍ଗଲରୁ ଏକର ଏକର ଜମିରେ ହୋଇଥିବା ଅଫିମ ଚାଷ ଠାବ କରାଯାଇଥିଲା । ପୁଲିସ୍, ବନ ବିଭାଗ ଓ ଅବକାରୀ କର୍ମଚାରୀଙ୍କ ମିଳିତ ପ୍ରୟାସରେ ସେସବୁ ନଷ୍ଟ କରାଯାଇଥିଲା । ଏହି ଘଟଣାରେ ଝାଡ଼ଖଣ୍ଡ ଅଞ୍ଚଳର ଦୁଇ ଜଣ ଶ୍ରମିକ ଧରାପଡ଼ିଥିଲେ । ହେଲେ ମାଫିଆଙ୍କ ଟେର୍ ମିଳି ନ ଥିଲା । ସାଧାରଣତଃ ବର୍ଷା ପରେ ଅର୍ଥାତ୍ ଅକ୍ଟୋବର ଶେଷ ବେଳକୁ ଝାଡ଼ଖଣ୍ଡର ନିଶା ମାଫିଆ ବଣାଇଁ ବନଖଣ୍ଡ ଅଞ୍ଚଳରେ ଡେରା ପକାଇଥାନ୍ତି । ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଚାରା ଉତ୍ପାଦନ, ରୋପଣ ଆଦି କାର୍ଯ୍ୟ କରିଥାନ୍ତି । ଗଛ ଉତ୍ପାଦନକ୍ଷମ ହେବା ପର୍ଯ୍ୟନ୍ତ ସେମାନେ ଟିକିନିକି ଖବର ରଖିଥାନ୍ତି । ବାହାର ବଜାରରେ ନିଶାର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବାବେଳେ ନିଶା ମାଫିଆ ପ୍ରଚୁର ଲାଭ ଉଠାଉଛନ୍ତି । କିନ୍ତୁ ଏଭଳି ଅନ୍ତଃରାଜ୍ୟ ରାକେଟ୍ର ମୂଳୋତ୍ପାଟନ ସହ ଝାଡ଼ଖଣ୍ଡର ନିଶା ମାଫିଆଙ୍କ ଅଣ୍ଟା ଭାଙ୍ଗିବାକୁ ଏବେ ବନ ବିଭାଗ ପ୍ରୟାସ ଆରମ୍ଭ କରିଛି ।

### ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ

# ଦେଶରେ ଖଦିର ଲୋକପ୍ରିୟତା ବୃଦ୍ଧି ପାଇଛି



**ନୂଆଦିଲ୍ଲୀ,୨୫।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ କି ବାତ ମାସିକ ରେଡିଓ କାର୍ଯ୍ୟକ୍ରମର ୧୩୯ତମ ଏପିସୋଡ୍‌ରେ କହିଛନ୍ତି, ୧୨ ବର୍ଷ ପୂର୍ବେ ବିଜୟାଦଶମୀର ପବିତ୍ର ଅବସରରେ, ଆମେ ମନ କି ବାତ ଆରମ୍ଭ କରିଥିଲୁ। ସେବେଠାରୁ, ଆମର ଯାତ୍ରା ବିନା ବାଧାରେ ଜାରି ରହିଛି। ଆପଣମାନେ ସମସ୍ତେ ଏହି ଯାତ୍ରାରେ ମୋର ସାଥୀ ଏବଂ ମାର୍ଗଦର୍ଶକ ହୋଇ ଆସିଛନ୍ତି। ମୋ ପାଇଁ ମନ କି ବାତ ଆମ ଦେଶର ସାଧାରଣ ଲୋକଙ୍କ କଠିନ ପରିଶ୍ରମ, ସାହସ, ଦୃଢ଼ ସଂକଳ୍ପ, ସମର୍ପଣ ଏବଂ ସେବା ମନୋଭାବକୁ ପାଳନ କରିବାର ଏକ ସୁନ୍ଦର ସୁଯୋଗ ହୋଇଛି। ଆମ ଦେଶରେ ଶତାବ୍ଦୀ ଧରି ତୀର୍ଥଯାତ୍ରାର ପରମ୍ପରା ରହିଆସିଛି। ମୋ ପାଇଁ, ମନ କି ବାତ ଏକ ତୀର୍ଥଯାତ୍ରାଠାରୁ କମ୍ ନୁହେଁ - ଏହା ଏକ ଯାତ୍ରା ଯାହା ମାଧ୍ୟମରେ ମୁଁ ମୋର ଦେଶବାସୀଙ୍କ ପ୍ରୟାସକୁ ନିକଟରୁ ବୁଝିପାରୁଛି ଏବଂ ସେମାନଙ୍କ ଅବଦାନ ପ୍ରତି ମୋର ସମ୍ମାନ ପ୍ରକାଶ କରିପାରୁଛି।

ପ୍ରଧାନମନ୍ତ୍ରୀ କପା ଚାଷ ସମ୍ପର୍କରେ ଲୋକଙ୍କୁ ବିଶେଷ ଗୁରୁତ୍ୱ ଦେଇ କହିଛନ୍ତି ଯେ ପଞ୍ଜାବରେ 'ଖେତି ବିରାସତ ମିଶନ' ନାମକ ଏକ ସଂଗଠନ ଜୈବିକ ଏବଂ ପାରମ୍ପରିକ କୃଷି ପଦ୍ଧତିକୁ ନୂତନ ଜୀବନ ଦେବା ଆରମ୍ଭ କରିଛି। ଏହି ଦଳର ଲୋକମାନେ ପଞ୍ଜାବର ମାଲୱା ଅଞ୍ଚଳରେ କପା ପ୍ରାକୃତିକ ଚାଷକୁ ପ୍ରୋତ୍ସାହିତ କରିବାକୁ ଚାହୁଁଥିଲେ। ଏହି ପଦକ୍ଷେପର ନାମ 'ନବ-ତ୍ରିଞ୍ଜନ' ରଖାଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ ରାସାୟନିକ ପଦାର୍ଥ ବ୍ୟବହାର ନକରି ଜୈବିକ କପା ଚାଷ କରାଯାଏ। ପ୍ରାକୃତିକ ରଙ୍ଗ ସହିତ କପା ମଧ୍ୟ ଏଠାରେ ଚାଷ କରାଯାଏ, ଯାହା ଫଳରେ ଏଥିରୁ ଉତ୍ପାଦିତ ସୂତା ଏବଂ କପଡ଼ାକୁ ରଙ୍ଗ କରିବା ପାଇଁ ଅତିରିକ୍ତ ରାସାୟନିକ ପଦାର୍ଥର ଆବଶ୍ୟକତା ଦୂର ହୋଇଥାଏ। ଏହା ଯୋଗୁଁ ବିଶାଳ ପରିବେଶଗତ ପ୍ରଭାବ ଅନୁଭୂତ ହେଉଛି। ପ୍ରାକୃତିକ ଜଳ ଉତ୍ସଗୁଡ଼ିକର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଉତ୍ତରାଖଣ୍ଡର ହେୱାଲ ନଦୀ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, ପୂର୍ବରୁ ହେୱାଲ ନଦୀର ପାଣି ଶୁଖିବା ଆରମ୍ଭ କରିଥିଲା, ଏପରି ପରିସ୍ଥିତିରେ ପ୍ରଶାସନ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ହେୱାଲ ନଦୀକୁ ଏକ ନୂତନ ଜୀବନ ମିଳିଥିଲା। ଯେତେବେଳେ ସମାଜ ଏପରି ପ୍ରୟାସ କରେ, ପରିବର୍ତ୍ତନ ବହୁତ ଭଲ ହୋଇଥାଏ। ଭୋକାଲ୍ ଫର୍ ଲୋକାଲ୍ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବିହାରର ମଖାନା ଏବଂ କର୍ଣ୍ଣାଟକର ହରଡ଼ ଡାଲିକୁ ସାରା ବିଶ୍ୱରେ ନୂତନ ବଜାର ମିଳିଛି। ମହାରାଷ୍ଟ୍ରର ଆଦିବାସୀ ଉତ୍ପାଦଗୁଡ଼ିକ ଆଦିବାସୀ କଳାର ସମୃଦ୍ଧିକୁ ପ୍ରତିଫଳିତ କରୁଥିବା ପ୍ୟାକେଜିଂ ମାଧ୍ୟମରେ ପରିଚିତି ପାଇଛନ୍ତି। ଖଦି ଲୋକପ୍ରିୟତା ହାସଲ କରିଛି। ଯେଉଁ କାରିଗରମାନଙ୍କର ହସ୍ତଶିଳ୍ପ ଆମର ପରମ୍ପରାକୁ ଜୀବନ୍ତ ରଖିଛି ସେମାନଙ୍କୁ ଏହା ସମର୍ଥନ କରୁଛି। ଆମର ସ୍ଥାନୀୟ କାରିଗରମାନଙ୍କ ଦ୍ୱାରା ତିଆରି ଉତ୍ପାଦଗୁଡ଼ିକୁ ବାଛି ଭୋକାଲ୍ ଫର୍ ଲୋକାଲ୍‌କୁ ସୁଦୃଢ଼ କରିବା। ଦୀପାବଳି ଏବଂ ଛଠ୍ ପର୍ବ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପର୍ବଗୁଡ଼ିକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ପ୍ରୟାସ ଚାଲିଛି। ଆମେ ଯେଉଁଠାରେ ରହିବା ସେଠାରେ ସ୍ୱଚ୍ଛତା ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ।

## ୧ରେ ଜ୍ଞାନେଶଙ୍କ ଇସ୍ତଫା ଦାବିରେ

# ଏକାଠି ହେବେ ୧୦ ଲକ୍ଷ ଲୋକ



**ନୂଆଦିଲ୍ଲୀ,୨୫।୧୦:** ନଭେମ୍ବର ୧ରେ କଂଗ୍ରେସ ଓ ବିରୋଧୀ ଇଣ୍ଡିଆ ବ୍ଲକ ପକ୍ଷରୁ ଦେଶର ରାଜଧାନୀ ଦିଲ୍ଲୀରେ ହେବ ବିରାଟ ବିକ୍ଷୋଭ ସମାବେଶ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଇଣ୍ଡିଆ ବ୍ଲକ ବ୍ୟାନରରେ ଏକାଠି ହେବେ ବିରୋଧୀ। କଂଗ୍ରେସ ଏହି ସମୟରେ ନିର୍ବାଚନ ଅନିୟମିତତା ପ୍ରସଙ୍ଗ ଉଠାଇ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକୁ ଜୋରଦାର କରିବ। ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ପାଇଁ ହେଉଥିବା ବିକ୍ଷୋଭ ସମାବେଶରେ ପ୍ରାୟ ୧୦ ଲକ୍ଷ ଲୋକ ଏକାଠି ହେବେ ବୋଲି ବିରୋଧୀ କଂଗ୍ରେସ ଆଶା ରଖିଛି। ବିଭିନ୍ନ ବର୍ଗର ଲୋକ ଏକାଠି ହୋଇ ଭୋଟ ଚୋରି ସମ୍ପର୍କରେ ମୁହଁ ଖୋଲିବେ ବୋଲି ଦଳ କହିଛି। ହରିୟାଣା କଂଗ୍ରେସର ପ୍ରଭାରୀ ସଞ୍ଜୟ ଦତ୍ତ ଓ ଦଳର ରାଜ୍ୟ ସଭାପତି ରାଓ ନରେନ୍ଦ୍ର ସିଂହ କହିଛନ୍ତି ଯେ ଭୋଟର ତାଲିକାର ଅଖଣ୍ଡତା, ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କ ମତଦାନ ଅଧିକାରକୁ ଅକ୍ଷୁଣ୍ଣ ରଖିବା ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧର ମୂଳ ଢାଞ୍ଚା। କଂଗ୍ରେସ କେବେ ବି ଏହି ସବୁ ପ୍ରସଙ୍ଗରେ ବୁଝାମଣା କରିପାରିବ ନାହିଁ। ଦେଶବ୍ୟାପୀ କଂଗ୍ରେସ କରୁଥିବା 'ଭୋଟ ବଞ୍ଚାଅ ଦେଶ ବଞ୍ଚାଅ' ଅଭିଯାନ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି। ହରିୟାଣର ପ୍ରତ୍ୟେକ ଜିଲ୍ଲା, ବ୍ଲକ, ଗାଁ ଓ ପୋଲିଂ ବୁଥରେ ଏହି ଅଭିଯାନକୁ ପହଞ୍ଚାଇବା ପାଇଁ ସାଂଗଠନିକ ପ୍ରସ୍ତୁତି ଜୋରସୋରରେ ଚାଲିଥିବା ଉଭୟ ନେତା କହିଛନ୍ତି।

ସେମାନଙ୍କ କହିବା କଥା ଯେ ଦଳୀୟ କର୍ମୀମାନଙ୍କୁ ଭୋଟର ତାଲିକାରେ ଥିବା ତ୍ରୁଟିକୁ ଏକାଠି କରି ଯୋଗ୍ୟ ଭୋଟରଙ୍କ ମଧ୍ୟରେ ମତଦାନ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ନଭେମ୍ବର ୧ ରାଲିରେ ହରିୟାଣାରୁ ଅଧିକ ଲୋକଙ୍କୁ ସାମିଲ କରିବା ପାଇଁ ପ୍ରୟାସ ଚାଲିଛି।

ନିର୍ବାଚନ କମିଶନରେ ମତଭେଦ ଓ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆରରେ ଅନିୟମିତତା ଅଭିଯୋଗ କରି ଇଣ୍ଡିଆ ବ୍ଲକ ଦିଲ୍ଲୀର ରାମଲୀଳା ମୈଦାନରେ ବିରାଟ ବିକ୍ଷୋଭ ସମାବେଶ କରିବ। ଭୋଟ ଚୋରି ବିରୋଧରେ ଏହି ଆନ୍ଦୋଳନ ବୋଲି କଂଗ୍ରେସ କହିଛି। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ସମସ୍ତେ ଏକାଠି ଥିବା ବିରୋଧୀ ଏହି ସମାବେଶ ଜରିଆରେ ଗୋଟିଏ ବାର୍ତ୍ତା ଦେବାକୁ ଲକ୍ଷ୍ୟ ରଖିଛନ୍ତି।

## ପାକିସ୍ତାନକୁ ସ୍ପଷ୍ଟ ବାର୍ତ୍ତା ଦେଲେ ବାୟୁସେନା ମୁଖ୍ୟ

# କୌଣସି ଟାର୍ଗେଟ ବାୟୁସେନା ପାଇଁ ଅପହଞ୍ଚ ନୁହେଁ



**ନୂଆଦିଲ୍ଲୀ,୨୫।୧୦:** ଅପରେସନ ସିନ୍ଦୂର ସମୟରେ ଭାରତୀୟ ବାୟୁସେନା ପାକିସ୍ତାନ ବିରୋଧରେ ମହାପ୍ରହାର କରି ନିଜର ସାମରିକ କ୍ଷମତା ପ୍ରଦର୍ଶନ କରିଥିଲା ବୋଲି ବାୟୁସେନା ମୁଖ୍ୟ ମାର୍ଶାଲ ଅମର ପ୍ରୀତ ସିଂହ କହିଛନ୍ତି। ଏହା ସହ ସେ ପାକିସ୍ତାନକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇ କହିଛନ୍ତି ଯେ, ପଶ୍ଚିମ ମୋର୍ଚ୍ଚାରେ ଦୀର୍ଘ ୧୨୦୦ କିଲୋମିଟର ଏବଂ ୨୦୦ କିଲୋମିଟର ଆଭ୍ୟନ୍ତର ଅଞ୍ଚଳରେ କରାଯାଇଥିବା ସଠିକ ଆକ୍ରମଣ ପ୍ରମାଣିତ କରିଛି କୌଣସି ଟାର୍ଗେଟ ଭାରତୀୟ ବାୟୁସେନା ପାଇଁ ଅପହଞ୍ଚ ନୁହେଁ। ବାୟୁସେନା ମୁଖ୍ୟ କହିଛନ୍ତି, ଅପରେସନ ସିନ୍ଦୂର ଦେଶର ସୁରକ୍ଷାରେ ବାୟୁସେନାର ଗୁରୁତ୍ୱକୁ ପୁଣି ଥରେ ପ୍ରତିପାଦିତ କରିଛି। ସେ ଏହାକୁ ଭାରତର ପ୍ରତିଶୋଧମୂଳକ ଦକ୍ଷତା ଏବଂ ଶତ୍ରୁକୁ ରଣନୀତିକ ଭାବରେ ପ୍ରତିହତ କରିବାର କ୍ଷମତାର ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ବୋଲି କହିଛନ୍ତି। ଅପରେସନ ସିନ୍ଦୂର ସମୟରେ ଚାରି ଦିନିଆ ସାମରିକ ଅଭିଯାନର ତଦାରଖ କରିଥିବା ବାୟୁସେନା ମୁଖ୍ୟ ମାର୍ଶାଲ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ପ୍ରଣାଳୀର କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି,ଅନେକ ସ୍ୱଦେଶୀ ଭାବରେ ବିକଶିତ ଅସ୍ତ୍ରଶସ୍ତ୍ର ଅପରେସନ ସମୟରେ ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲା ଏବଂ ଶତ୍ରୁର ମୁକାବିଲା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।ଏକ କ୍ଷମତା-କେନ୍ଦ୍ରିତ ସାମରିକ ଶକ୍ତିର ପ୍ରମୁଖ ଗୁଣ ହେଉଛି, ଏହା ଗୋଟିଏ ସିଷ୍ଟମ ଉପରେ ନିର୍ଭର କରିବା ପରିବର୍ତ୍ତେ ଅନେକ ବିକଳ୍ପ ବ୍ୟବହାର କରିବା। ଏଭଳି ସ୍ଥିତି ଭାରତକୁ ଆବଶ୍ୟକତା ଅନୁସାରେ ନିଜର ପ୍ରତିକ୍ରିୟା ନେଇ ପ୍ରସ୍ତୁତ କରିବା ସହିତ ଚାପଠାରୁ ଦୂରେଇ ରହିବାରେ ସହାୟତା କରିଥିଲା।

### 'ଅପରେସନ ଟ୍ରାଇଡେଣ୍ଟ'ରେ ବଡ଼ ସଫଳତା

# ୩ ରାଜ୍ୟର ୩୮ ସ୍ଥାନରେ ବଡ଼ ଧରଣର ରେଡ୍



**ନୂଆଦିଲ୍ଲୀ,୨୫।୧୦:** ନିଶା କାରବାର ବିରୋଧରେ 'ଅପରେସନ ଟ୍ରାଇଡେଣ୍ଟ'ରେ ବଡ଼ ସଫଳତା। ୩ ରାଜ୍ୟ ଆସାମ, ମିଜୋରାମ ଏବଂ ମଣିପୁରର ୩୮ ଠିକଣାରେ ଏକକାଳୀନ ବଡ଼ ଧରଣର ରେଡ୍। ୧୪୨୪ଟି ବ୍ୟାଙ୍କ ଖାତା ଫ୍ରିଜ୍, ୧୭.୮୨ କୋଟି ମୂଲ୍ୟର ସମ୍ପତ୍ତି ଜବତ। ୫୦୦ଟି ଡିଟୋନେଟର ଓ ନଗଦ ୧୨ ଲକ୍ଷ ଟଙ୍କା ଜବତ। ୧୦୦ କୋଟି ଟଙ୍କାର 'ହୱାଲା' କାରବାର ଧରାପଡ଼ିଛି। ମାମଲାର ୧୮ ଜଣ ଗିରଫ ହୋଇଛନ୍ତି। ଭାରତ, ମିଆଁମାର, ବାଂଲାଦେଶ ଦେଇ ନିଶା ଦ୍ରବ୍ୟ ଚାଲାଣ ହେଉଥିଲା। ଅପରେସନ୍ ଟ୍ରାଇଡେଣ୍ଟର ସଫଳତା ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଏ ନେଇ ସୂଚନା ଦେଇଛନ୍ତି। ଡିସେମ୍ବର ୩୧, ୨୦୨୯ ସୁଦ୍ଧା ନିଶା କାରବାର ନେଟୱର୍କର ମୂଳପୋଛ କରିବାକୁ ଭାରତ ସଂକଳ୍ପ ନେଇଥିବା କହିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ। କେନ୍ଦ୍ର ସରକାର ଅପରେସନ୍ ଟ୍ରାଇଡେଣ୍ଟ ମାଧ୍ୟମରେ ଡ୍ରଗ୍ସ ଉପରେ କଟକଣା ଲଗାଇଛନ୍ତି। ଅକ୍ଟୋବର ୨୩ ତାରିଖରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଆସାମ, ମିଜୋରାମ ଏବଂ ମଣିପୁରର ୩୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରି ଏକ ଅନ୍ତର୍ଜାତୀୟ ଡ୍ରଗ୍ ସିଣ୍ଡିକେଟ୍‌କୁ ପର୍ଦ୍ଦାଫାସ କରିଥିଲେ। ଏହି ନେଟୱାର୍କ 'ଡେଥ୍ ଟ୍ରାଏଙ୍ଗଲ୍ କରିଡର' ମାଧ୍ୟମରେ ଭାରତ, ମିଆଁମାର ଏବଂ ବାଂଲାଦେଶ ସୀମା ଦେଇ ନିଶାଦ୍ରବ୍ୟ ଚୋରା ଚାଲାଣ କରୁଥିଲା।' କେନ୍ଦ୍ର ସରକାରଙ୍କ ଏହି ବଡ଼ ଅପରେସନ୍ ବିଷୟରେ ଗୃହମନ୍ତ୍ରୀ ଅମିତ ଶାହା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି କାର୍ଯ୍ୟ ୩୧ ଡିସେମ୍ବର ୨୦୨୯ ସୁଦ୍ଧା ନିଶାଦ୍ରବ୍ୟର ପ୍ରତ୍ୟେକ ନେଟୱାର୍କକୁ ଶେଷ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଡ୍ରଗ୍ କାରବାରର ମୂଳପୋଛ ନହେବା ସହିତ ଭାରତ ପ୍ରହାର ଜାରି ରଖିବ।

୩୫ କୋଟି ଲୋକଙ୍କ ନିକଟରେ ପହଞ୍ଚିଲା ନଶାମୁକ୍ତ ଭାରତ ଅଭିଯାନ- ନଶାମୁକ୍ତ ଭାରତ ଅଭିଯାନ ଏପର୍ଯ୍ୟନ୍ତ ୩୫ କୋଟିରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି, ଯେଉଁଥିରେ ୧୩.୯୪ କୋଟି ଯୁବକ ଏବଂ ୧୦.୮୬ କୋଟି ମହିଳା ଅଛନ୍ତି। ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରାଳୟ ଏହି ସୂଚନା ଦେଇଛି। ମନ୍ତ୍ରାଳୟ ଅନୁଯାୟୀ, ସାରା ଦେଶରେ ୩୨ ଲକ୍ଷରୁ ଅଧିକ ଶିକ୍ଷାନୁଷ୍ଠାନ ମଧ୍ୟ ଏହି ଅଭିଯାନରେ ଜଡିତ ଅଛନ୍ତି। ଜାତୀୟ କାର୍ଯ୍ୟ ଯୋଜନା (ଏନଏପିଡିଡିଆର) ଅଧୀନରେ ଅଗଷ୍ଟ ୧୫, ୨୦୨୦ ରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା, ଯାହା ପ୍ରଥମେ ୨୭୨ ଟି ସମ୍ବେଦନଶୀଳ ଜିଲ୍ଲାରେ ସୀମିତ ଥିଲା କିନ୍ତୁ ବର୍ତ୍ତମାନ ସମଗ୍ର ଦେଶବ୍ୟାପୀ ଜାରି ରହିଛି।

ନୂଆଦିଲ୍ଲୀରେ ଅନୁଷ୍ଠିତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ନିଶାଦ୍ରବ୍ୟ ନିରୋଧୀ ଟାସ୍କ ଫୋର୍ସ (ଏଏନଟିଏଫ)ର ମୁଖ୍ୟମାନଙ୍କର ତୃତୀୟ ଜାତୀୟ ସମ୍ମିଳନୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଦେଇଥିବା ବିବୃତ୍ତି ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଛନ୍ତି।

## ମିଡ୍ ଡେ ମିଲରେ ସାଂଘାତିକ ଦୁର୍ନୀତି

# କୋଟିଏ ଟଙ୍କାର ଅଟା ଓ ଚାଉଳ ଗାଏବ

**ନୂଆଦିଲ୍ଲୀ,୨୫।୧୦:** ମିଡ୍ ଡେ ମିଲ୍ ଯୋଜନାରେ ଦୁର୍ନୀତି। ସ୍କୁଲ ପିଲାଙ୍କ ପାଇଁ ଆବଣ୍ଟିତ ହୋଇଥିବା ୩ ହଜାର କ୍ୱିଣ୍ଟାଲର ଅଟା ଓ ଚାଉଳ ଗାଏବ। ମଧ୍ୟାହ୍ନ ଭୋଜନରେ ପିଲାମାନଙ୍କୁ ଏହି ଜିନିଷ ଦେବାକୁ କୁହାଯାଇଥିଲା। ହେଲେ ପିଲାଙ୍କ ପେଟକୁ ଯିବା ବଦଳରେ ଅଧା ବାଟରୁ ହୋଇଯାଇଛି ବାଟମାରଣା। ମଧ୍ୟାହ୍ନ ଭୋଜନ ଯୋଜନାରେ ଏପରି ସାଂଘାତିକ କେଳେଙ୍କାରୀ ଯୋଗୁ ରାଜସ୍ଥାନର କୋଟାରେ ଥିବା ଅନେକ ସ୍କୁଲର ପିଲା ଏବେ ପ୍ରଭାବିତ ହୋଇଛନ୍ତି। ସେମାନେ ମଧ୍ୟାହ୍ନ ଭୋଜନ ଯୋଜନାର ଲାଭ ପାଇ ନାହାନ୍ତି। ପ୍ରାୟ ୧ କୋଟିରୁ ଅଧିକ ଟଙ୍କାର ଚାଉଳ ଓ ଅଟା ଗାଏବ ହଇଚଇ ସୃଷ୍ଟି କରିଛି। ଗୁଜରାଟ ଭିତ୍ତିକ ଗୋଟିଏ ପରିବହନ କଣ୍ଟ୍ରାକ୍ଟର ଏପରି ଜାଲିଆତି କରିଥିବା ଜଣାପଡ଼ିବା ପରେ ତଦନ୍ତ ଆରମ୍ଭ କରିଛି ଶିକ୍ଷା ବିଭାଗ। ଆଉ ତଦନ୍ତରୁ ଆସିଛି ସମସ୍ତଙ୍କୁ ଚକିତ କରିବା ତଥ୍ୟ। ଗୋଟିଏ ସରକାରୀ ଗୋଦାମରୁ ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ସ୍କୁଲରେ ମଧ୍ୟାହ୍ନ ଭୋଜନ ପାଇଁ ଖାଦ୍ୟଶସ୍ୟ ସଂଗ୍ରହ କରାଯାଇଥିଲା। ହେଲେ ଏହା ମଧ୍ୟରୁ ୩,୨୧୩ କ୍ୱିଣ୍ଟାଲ ଅଟା ଓ ଚାଉଳ କେବେ ବି କୌଣସି ସ୍କୁଲରେ ପହଞ୍ଚି ପାରିନାହିଁ।

# ସେନ୍ସର ବୋର୍ଡ ପୋର୍ଟାଲ ହ୍ୟାକ୍

**ନୂଆଦିଲ୍ଲୀ,୨୫।୧୦:** କୌଣସି ଫିଲ୍ମ ରିଲିଜ୍ ହେବା ପୂର୍ବରୁ, ଲିକ୍ ରୋକିବା ପାଇଁ ଏହାର କାହାଣୀ ଏବଂ ସ୍କ୍ରିପ୍ଟକୁ ଗୁପ୍ତ ରଖାଯାଏ। ଯେପରି ଫିଲ୍ମର କାହାଣୀ ଲିକ୍ ନହୁଏ। କିନ୍ତୁ ଏବେ ଫିଲ୍ମ ଇଣ୍ଡଷ୍ଟ୍ରୀ ସହିତ ଜଡିତ ଏକ ବଡ଼ ତଥ୍ୟ ଉଲ୍ଲଂଘନ ଖବର ଏବେ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ର ଅନଲାଇନ୍ ପୋର୍ଟାଲରୁ ୫୦୦ ରୁ ଅଧିକ ଫିଲ୍ମ ସମ୍ପର୍କିତ ଦସ୍ତାବିଜ ଲିକ୍ ହେବାର ମାମଲା ସାମନାକୁ ଆସିଛି। ଏଥିରେ ଫିଲ୍ମର ସ୍କ୍ରିପ୍ଟ, ସାର୍ଟିଫିକେଟ୍ ସମ୍ପର୍କିତ ରେକର୍ଡ ଏବଂ ଚୁକ୍ତିନାମା ଭଳି ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ରହିଛି। ଏହି ମାମଲାଟି ଉଈରଉ ର ଇ-ସିନେପ୍ରମାଣ ପୋର୍ଟାଲ ସହିତ ଜଡିତ। ଏହି ପୋର୍ଟାଲ ଜରିଆରେ ଫିଲ୍ମକୁ ସାର୍ଟିଫିକେଟ୍ ଦେବାର ପ୍ରୋସେସ୍ ପୂରା କରାଯାଇଥାଏ। ରିପୋର୍ଟ ଅନୁସାରେ, ଏହି ପୋର୍ଟାଲରେ ଥିବା କିଛି ଡକ୍ୟୁମେଣ୍ଟ ପର୍ଯ୍ୟନ୍ତ ପହଁଞ୍ଚି ଯାଇଥିଲା ଓ ତାଙ୍କୁ ଇଣ୍ଟରନେଟ୍ ଆର୍କାଇଭରେ ଡାଉନଲୋଡ୍ ପାଇଁ ଉପଲବ୍ଧ କରାଯାଇଥିଲା। ତଥାପି, ଡାଟା ଲିକ୍ କିପରି ଘଟିଲା ଏବଂ ସୂଚନା କେତେ ପ୍ରଭାବିତ ହେଲା ତାହାର ସମ୍ପୂର୍ଣ୍ଣ ଚିତ୍ର ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନି।

### ଫ୍ରାନ୍ସରେ ତୀବ୍ର ହେଉଛି ବିକ୍ଷୋଭ

# ୪ ଲକ୍ଷରୁ ଅଧିକ ଲୋକ ସାମିଲ, ୧୦୦୦ ଗିରଫ



**ପ୍ୟାରିସ୍,୨୫।୧୦:** ଫ୍ରାନ୍ସରେ ମହଙ୍ଗା ମାଡ଼ ଏବଂ ଶିକ୍ଷା କ୍ଷେତ୍ରକୁ କମ୍ ବଜେଟ୍ ଆବଣ୍ଟନ ପ୍ରତିବାଦରେ ଶନିବାର ଦେଶବ୍ୟାପୀ ବିକ୍ଷୋଭ ଆରମ୍ଭ ହୋଇଛି। ଏହି ପ୍ରଦର୍ଶନରେ ପ୍ରାୟ ୪ ଲକ୍ଷ ୧୦ ହଜାର ଲୋକ ସାମିଲ ହୋଇଥିବା ବେଳେ ରାଜଧାନୀ ପ୍ୟାରିସରେ ପ୍ରାୟ ୧ ଲକ୍ଷ ୧୦ ହଜାର ଲୋକ ରାସ୍ତାକୁ ଓହ୍ଲାଇଥିଲେ। ଏହି ସମୟରେ ପ୍ରଦର୍ଶନକାରୀ ଓ ପୋଲିସ ମଧ୍ୟରେ ସଂଘର୍ଷ ହୋଇଥିବା ଜଣାପଡ଼ିଛି। ଲଗାତାର ବିକ୍ଷୋଭ ଯୋଗୁଁ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନଙ୍କ ସରକାରଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ଫ୍ରାନ୍ସର ଗୃହମନ୍ତ୍ରୀ ଲରେଣ୍ଟ ନୁନେଜଙ୍କ ସୂଚନା ଅନୁସାରେ, ପ୍ରଦର୍ଶନ ସମୟରେ ପ୍ରାୟ ୧,୦୦୦ ଜଣଙ୍କୁ ଗିରଫ କରାଯାଇଛି। କଳା ପୋଷାକ ପିନ୍ଧିଥିବା କିଛି ଗୋଷ୍ଠୀଙ୍କ ସହ ପୋଲିସର ଗୁରୁତର ସଂଘର୍ଷ ହୋଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ସାରା ଦେଶରେ ପ୍ରାୟ ୭୦ ହଜାର ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଥିଲା। ଫ୍ରାନ୍ସରେ ୨୦୨୭ ମେ' ମାସରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାରୁ ଲଗାତାର ବିକ୍ଷୋଭ ମାକ୍ରୋନ ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପ୍ରଦର୍ଶନକାରୀଙ୍କୁ ସହରର ପ୍ରମୁଖ ସ୍ଥାନ, ଦୋକାନ ଏବଂ ବ୍ୟବସାୟିକ ଅଞ୍ଚଳଠାରୁ ଦୂରରେ ରଖିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ହିଂସା ରୋକିବା ପାଇଁ ପ୍ୟାରିସ ସମେତ ଅନେକ ସହରର କିଛି ଅଞ୍ଚଳରେ ସୀମିତ ସମୟ ପାଇଁ କର୍ଫ୍ୟୁ ମଧ୍ୟ ଲାଗୁ କରାଯାଇଛି। ପ୍ୟାରିସରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହ ପାଣିମାଡ଼ କରିଥିଲା। ଅନ୍ୟପକ୍ଷରେ, ଛାତ୍ର ସଂଗଠନ ଓ ଶ୍ରମିକ ୟୁନିୟନଗୁଡ଼ିକ ପ୍ରଦର୍ଶନ ଜାରି ରଖିବାକୁ ଘୋଷଣା କରିଛନ୍ତି। ସରକାର ପ୍ରସ୍ତାବିତ ବଜେଟ୍ ନିଷ୍ପତ୍ତି ପ୍ରତ୍ୟାହାର କରିବା ସହ ଶିକ୍ଷା ଏବଂ ଅନ୍ୟାନ୍ୟ ଜରୁରୀ ସାର୍ବଜନୀନ ସେବା ପାଇଁ ଅଧିକ ଅର୍ଥ ଆବଣ୍ଟନ କରିବାକୁ ସେମାନେ ଦାବି କରିଛନ୍ତି।

## ବିହାରରେ ଭେଜାଲ୍ ବ୍ଲଡର କଳା କାରବାର

# ଗୋଟିଏ ୟୁନିଟରୁ ତିଆରି ହେଉଛି ୩ ୟୁନିଟ୍ ବ୍ଲଡ୍

**ମୋତିହାର,୨୫।୧୦:** କ୍ଷୀର, ଛେନା, ପନୀରରେ ଭେଜାଲ୍ କଥା ତ ଆପଣ ଶୁଣିଥିଲେ... ହେଲେ କେବେ ଭାବିଛନ୍ତି କି ? ରକ୍ତରେ ବି ଭେଜାଲ୍ ହେଉଛି। ହଁ ଆଜ୍ଞା... ବିହାରରେ ଏବେ ମାତିଛନ୍ତି ବ୍ଲଡ୍ ମାଫିଆ। ଗୋଟିଏ ୟୁନିଟ୍‌ରୁ ତିଆରି ହେଉଛି ୩ ୟୁନିଟ୍ ବ୍ଲଡ୍। ବେଧଡ଼କ ଭାବେ ଚାଲିଛି ନକଲି ବ୍ଲଡ୍ ସପ୍ଲାଏ। ଅର୍ଥାତ୍ ଏମିତି ରକ୍ତ ଯେଉଁଥିରେ ହିମୋଗ୍ଲୋବିନର ନାହିଁ ଚିହ୍ନବର୍ଣ୍ଣ। ଏହି ରକ୍ତ ନେଲେ ରୋଗୀ ମରିବାଟା ଥୟ। ଖୁଲମ ଖୁଲା ରୋଗୀଙ୍କୁ ମୃତ୍ୟୁ ବାଣ୍ଟୁଥିଲେ ବ୍ଲଡ୍ ମାଫିଆ। ବିହାରର ପୂର୍ବ ଚମ୍ପାରଣ ଓ ବେତିଆରେ ରକ୍ତର କଳା କାରବାର ଚାଲିଥିବା ନେଇ ପର୍ଦ୍ଦାଫାସ୍ ହୋଇଛି। ଏହି କାରବାର ପଛରେ ଏକ ସଂଗଠିତ ଗ୍ୟାଙ୍ଗ୍ ସକ୍ରିୟ ଥିବା ସୂଚନା ମିଳିଛି। ଅଭିଯୋଗ ଅନୁସାରେ, ଗ୍ୟାଙ୍ଗର ସଦସ୍ୟମାନେ ଟଙ୍କା ଲୋଭ ଦେଖାଇ ଯୁବକ ଏବଂ ନିଶାସକ୍ତ ବ୍ୟକ୍ତିଙ୍କ ଠାରୁ ୩୦୦ରୁ ୪୦୦ ଟଙ୍କାରେ ରକ୍ତ ସଂଗ୍ରହ କରୁଥିଲେ। ଏହାପରେ ଗୋଟିଏ ୟୁନିଟ୍ ରକ୍ତରେ ଆଇରନ୍ ସିରପ୍ ଓ ନର୍ମାଲ୍ ସାଲାଇନ୍ ମିଶାଇ ତିନି ୟୁନିଟ୍ ରକ୍ତ ତିଆରି କରୁଥିଲେ। ଖାଲି ସେତିକି ନୁହେଁ, ଏହି ପ୍ୟାକେଟ୍ରେ ବ୍ଲଡ୍ ବ୍ୟାଙ୍କର ନକଲି ଲେବଲ୍ ଲଗାଇ ଏହାକୁ ବଜାରକୁ ଛାଡୁଥିଲେ। ପ୍ରତି ୟୁନିଟ୍ ରକ୍ତକୁ ୨ ହଜାରରୁ ୩ ହଜାର ଟଙ୍କାରେ କିଛି ଘରୋଇ ନର୍ସିଂହୋମ୍‌କୁ ବିକ୍ରି କରୁଥିଲେ। ଏପରିକି ନିଶା କରିବା ପାଇଁ ଟଙ୍କା ଯୋଗାଡ଼ କରିବାକୁ କିଛି ବ୍ୟକ୍ତି ମାସକୁ ଦୁଇରୁ ତିନି ଥର ରକ୍ତ ବିକ୍ରି କରୁଥିଲେ। ଏହି ଖବର ସାମ୍ନାକୁ ଆସିବା ପରେ ମେଡିସିନ୍ ବିଭାଗ ଏବଂ ପୁଲିସ ଦୁଇଟି ଲ୍ୟାବ୍ରେ ମିଳିତ ଚଢ଼ାଉ କରିଥିଲେ। କିନ୍ତୁ ଚଢ଼ାଉ ପୂର୍ବରୁ ଉଭୟ ଲ୍ୟାବର ସଞ୍ଚାଳକ ଫେରାର୍ ହୋଇଯାଇଥିଲେ। ସେମାନଙ୍କୁ ଏବେ ପୁଲିସ ଖୋଜୁଛି। ଏହି ନକଲି ବ୍ଲଡ୍ କାରବାରର ଚେର ମୋତିହାରୀ ପର୍ଯ୍ୟନ୍ତ ଲମ୍ବିଥିବା ସନ୍ଦେହ କରାଯାଉଛି। ଏବେ ମୋତିହାରୀରେ ମଧ୍ୟ ବଡ଼ଧରଣର ଚଢ଼ାଉ ହେବ ବୋଲି ସୂଚନା ମିଳିଛି।

# ମକ୍କା-ମଦିନାରେ ଭୟଙ୍କର ଆକ୍ରମଣ

**ନୂଆଦିଲ୍ଲୀ,୨୫।୧୦:** ମଧ୍ୟପ୍ରାଚ୍ୟରେ ଥମୁନି ଉତ୍ତେଜନା। ଇସ୍ରାଏଲ-ୟୁକ୍ରେନ୍, ଇରାନ୍-ଆମେରିକା-ଇସ୍ରାଏଲ ମଧ୍ୟରେ ଉତ୍ତେଜନା ଭିତରେ ଇରାନ୍ ସମର୍ଥିତ ହୁତି ଏବଂ ସାଉଦି ଆରବ ମଧ୍ୟରେ ଆକ୍ରମଣ-ପ୍ରତିଆକ୍ରମଣ ଜାରି ରହିଛି। ୟେମେନର ହୁତି ବିଦ୍ରୋହୀମାନେ ଶନିବାର ସାଉଦି ଆରବ ଉପରେ ଏକ ବଡ଼ ଧରଣର ଆକ୍ରମଣ କରିଥିବା ଦାବି କରିଛନ୍ତି। ହୁତି ବିଦ୍ରୋହୀ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ସହିତ ସାଉଦି ରଣନୀତିକ ଶକ୍ତି ଘାଟିକୁ ଟାର୍ଗେଟ କରିଥିଲେ। ଏହି ସମୟରେ ମକ୍କା-ମଦିନାକୁ ଟାର୍ଗେଟ କରୁଥିବା ଖବର ମଧ୍ୟ ରହିଛି। ତେବେ ହୁତି ବିଦ୍ରୋହୀମାନେ ମକ୍କା ଏବଂ ମଦିନା ଉପରେ ଆକ୍ରମଣ କରିବାକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ସାଉଦି ଆରବର ବିମାନବନ୍ଦର ଏବଂ ତୈଳ ବିଶୋଧନାଗାରକୁ ଟାର୍ଗେଟ କରାଯାଇଛି। ଏହି ଆକ୍ରମଣ ପରେ ସାଉଦି ଆରବ ଆଲର୍ଟରେ ରହିଛି। ଉଡ଼ାଣ ବାତିଲ ହୋଇଛି। କେଉଁଠି କେଉଁଠି ହୋଇଛି ହମଲା- ଆକ୍ରମଣର ମୁଖ୍ୟ ଟାର୍ଗେଟଗୁଡ଼ିକ ମଧ୍ୟରେ ସାଉଦି ଆରବର ରାଜଧାନୀ ରିୟାଦର ଅନ୍ତର୍ଜାତୀୟ ବିମାନବନ୍ଦର ରହିଛି। ହୁତି ବିଦ୍ରୋହୀମାନେ ୟାନବୁରେ ଥିବା ସାଉଦି ଆରାମକୋ ତୈଳ ସୁବିଧା, ରବିଖ୍ ତୈଳ ବିଶୋଧନାଗାର, ଦମ୍ମାମର କିଙ୍ଗ ଫହଦ୍ ଅନ୍ତର୍ଜାତୀୟ ବିମାନବନ୍ଦର, ନଜରାନର ବିମାନବନ୍ଦର ଏବଂ ଖାମିସ୍ ମୁଶାତର ଏୟାରବେସ୍ ଉପରେ ଆକ୍ରମଣ କରିଛନ୍ତି। ୟାନବୁ ଲୋହିତ ସାଗର କୂଳରେ ଅବସ୍ଥିତ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଏବଂ ଶକ୍ତି କେନ୍ଦ୍ର। ସାଉଦି ନେତୃତ୍ୱାଧୀନ ସାମରିକ ମିଳିତ ମଞ୍ଚ କହିଛି ଯେ, ଏହା ୟାନବୁ ଏବଂ ତାଇଫ୍ ଆଡକୁ ନିକ୍ଷେପ କରାଯାଇଥିବା ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ଧ୍ୱଂସ କରିଛି। ସାଉଦି ବେସାମରିକ ପ୍ରତିରକ୍ଷା ବିଭାଗ ଅନୁଯାୟୀ, ଆକାଶରେ ଧ୍ୱଂସ ହୋଇଥିବା କ୍ଷେପଣାସ୍ତ୍ରର ଆବର୍ଜନା ମକ୍କା ଏବଂ ମଦିନା ଅଞ୍ଚଳରେ ପଡ଼ିଛି। ଜେଦ୍ଦା, ତାଇଫ୍, ରବିଗରେ ମଧ୍ୟ ଆବର୍ଜନା ପଡ଼ିଛି।

### ଟ୍ରମ୍ପ ସମ୍ଭାବ୍ୟ ଆକ୍ରମଣର ସଙ୍କେତ

# ଇରାନ ଉପରେ ପୁଣି ଆକ୍ରମଣ କରିବ ଆମେରିକା



**ନୂଆଦିଲ୍ଲୀ,୨୫।୧୦:** ରବିବାର ପୁଣି ଇରାନ ଉପରେ ଭୟଙ୍କର ହମଲା କରିପାରେ ଆମେରିକା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ଭାବ୍ୟ ଆକ୍ରମଣର ସଙ୍କେତ ଦେଇଛନ୍ତି। ଏହାର ଦିନକ ପୂର୍ବରୁ ଇରାନକୁ ଟ୍ରମ୍ପ ଧମକ ଦେଇ ଆଉ ଏକ ଛୋଟ ଏପିକ ଫ୍ୟୁରୀ କଥା କହିଥିଲେ। ଅର୍ଥାତ ଆମେରିକା ଯେକୌଣସି ସମୟରେ ଇରାନରେ ଷ୍ଟ୍ରାଇକ କରିପାରେ ବୋଲି ଟ୍ରମ୍ପ କହିଛନ୍ତି। ଗୋଟିଏ ପଟେ ହମଲାର ଧମକ ଦେଇଥିବା ବେଳେ ଅନ୍ୟପଟେ ଇରାନ ସ ଗୋଟିଏ ବଡ଼ ଓ ସୁନ୍ଦର ବୁଝାମଣା ହୋଇପାରେ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ମଧ୍ୟପ୍ରାଚ୍ୟରେ ୮ ମାସରୁ ଅଧିକ ସମୟ ହେଲା ଯୁଦ୍ଧ ଯୋଗୁ ଅସ୍ଥିରତା ଦେଖାଯାଇଛି। ଏହି ଯୁଦ୍ଧକୁ ବନ୍ଦ କରିବା ପାଇଁ ବୁଝାମଣାର ରାସ୍ତା ଏବେ ବି ଖୋଲା ଥିବା ଟ୍ରମ୍ପ କହିଛନ୍ତି। ଟ୍ରମ୍ପଙ୍କ ଏହି ସମ୍ଭାବ୍ୟ ଆକ୍ରମଣ ଓ ବୁଝାମଣା ବୟାନକୁ ନେଇ ପୂରା ବିଶ୍ୱ ଦ୍ୱନ୍ଦ୍ୱରେ ପଡ଼ିଛି। ଫ୍ଲୋରିଡାରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଭୋଟିଂ କରିବା ପରେ ଟ୍ରମ୍ପଙ୍କୁ ଇରାନ ଉପରେ ସମ୍ଭାବ୍ୟ ଆକ୍ରମଣ ସମ୍ପର୍କରେ ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ। ଏହାର ଜବାବରେ ସେ କହିଛନ୍ତି, "ଆପଣମାନେ ସତରେ ଭାବୁଛନ୍ତି ଯେ ମୁଁ ଏକଥା କହିବି ?" ଜଣେ ସାମ୍ବାଦିକ ପୁଣି ପ୍ରଶ୍ନ କରିଥିଲେ ଯେ "ଆମେ ନିଶ୍ଚିତ ପଚାରିବୁ।" ଟ୍ରମ୍ପ ପ୍ରଶ୍ନକୁ ନିର୍ବୋଧ ବୋଲି କହିଥିଲେ। କିନ୍ତୁ ସେ କହିଛନ୍ତି ଯେ "ଆମେରିକା ପୁଣିଥରେ ଇରାନ ଉପରେ ହମଲା କରିବାକୁ ଯୋଜନା କରୁଛି। ସମ୍ଭବତଃ ରବିବାର। ଆକ୍ରମଣର ସମ୍ଭାବନା ରହିଛି ବୋଲି ମୁଁ କହିପାରିବି। ଏଥିସହ ଆମେ ଗୋଟିଏ ବଡ଼ ଓ ସୁନ୍ଦର ବୁଝାମଣା କରିବାର ମଧ୍ୟ ସମ୍ଭାବନା ରହିଛି। ସେମାନେ ଡିଲ୍ କରିବାକୁ ଚାହୁଁଛନ୍ତି। କିନ୍ତୁ ସମସ୍ୟା ହେଉଛି ଯେ ସେମାନେ ଏହି ଡିଲ୍‌କୁ କାର୍ଯ୍ୟକାରୀ କରିପାରିବେ ତ ?" ଇରାନ କେବେ ବି ଯେମିତି ଆଣବିକ ଅସ୍ତ୍ର ହାସଲ କରିପାରିବ ନାହିଁ, ତା'କୁ ନିଶ୍ଚିତ କରିବାକୁ ଆକ୍ରମଣ କରାଯାଇଥିଲା ଓ ଆଗକୁ ମଧ୍ୟ ଆକ୍ରମଣ କରାଯିବ ବୋଲି ଟ୍ରମ୍ପ ଦୋହରାଇଛନ୍ତି। ଶୁକ୍ରବାର ଟ୍ରମ୍ପ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି କହିଥିଲେ।

